

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୬ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 16 October 2026

Vol.No. 36 ■ No.272 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ପୂଜାସଂଖ୍ୟା ସାଗରିକା





# କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ଧର୍ମ ପରିବର୍ତ୍ତନ କଲେ ମିଳିବନି ସଂରକ୍ଷଣ ଲାଭ

ନୂଆଦିଲ୍ଲୀ,୧୫/୧୦ : ହିନ୍ଦୁ ଧର୍ମରୁ ଇସଲାମ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତିମାନେ ଓବିସି ସଂରକ୍ଷଣ ପାଇଁ ଯୋଗ୍ୟ କି ନାହିଁ ସେ ସମ୍ପର୍କରେ ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ହିନ୍ଦୁ ସାମାଜିକ ବ୍ୟବସ୍ଥା ମଧ୍ୟରେ ପଛୁଆ ବର୍ଗ କିମ୍ବା ଅନୁସୂଚିତ ଜାତିର ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରିବା ପରେ ସଂରକ୍ଷଣ ସୁବିଧା ପାଇପାରିବେ ନାହିଁ। ହିନ୍ଦୁ ସାମାଜିକ ବ୍ୟବସ୍ଥା ମଧ୍ୟରେ ପଛୁଆ ବର୍ଗ କିମ୍ବା ଅନୁସୂଚିତ ଜାତିର ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରିବା ପରେ ସଂରକ୍ଷଣ ସୁବିଧା ପାଇଁ ଦାବି କରିପାରିବେ ନାହିଁ। କୋର୍ଟ କହିଛନ୍ତି, ଧର୍ମ ପରିବର୍ତ୍ତନ ପରେ ଜଣେ ବ୍ୟକ୍ତିଙ୍କ ସାମାଜିକ ପଛୁଆ ସ୍ଥିତି ହିନ୍ଦୁ ସାମାଜିକ ବ୍ୟବସ୍ଥାରୁ ଅଣ-ହିନ୍ଦୁ ସାମାଜିକ ବ୍ୟବସ୍ଥାରେ ସ୍ଥାନାନ୍ତର କରାଯାଇପାରିବ ନାହିଁ। ବିଚାରପତି ପି.କେ. ମିଶ୍ର ଏବଂ ଶ୍ରୀ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ ମାଡ୍ରାସ ହାଇକୋର୍ଟଙ୍କର ରାୟକୁ କାଏମ୍ ରଖିଛନ୍ତି। ହାଇକୋର୍ଟଙ୍କ ରାୟ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରିଥିଲା ଯାହା ଇସଲାମ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଓବିସି ବର୍ଗ ମଧ୍ୟରେ ସଂରକ୍ଷଣ ସୁବିଧା ପାଇବାକୁ ଅନୁମତି ଦେଇଥିଲା। ତାମିଲନାଡୁରେ ଧର୍ମ ପରିବର୍ତ୍ତନ ପରେ ପଛୁଆ ବର୍ଗର ମାନ୍ୟତା ପ୍ରଦାନ କରିବା ସହ ଜଡିତ ମାମଲାରେ ସୁପ୍ରିମକୋର୍ଟ ଏଭଳି ରାୟ ଦେଇଛନ୍ତି। ତାମିଲନାଡୁର ସାତଟି ମୁସଲିମ ସମ୍ପ୍ରଦାୟକୁ ପଛୁଆ ବର୍ଗ(ବିସି) ଭାବରେ ମାନ୍ୟତା ଦେଉଥିବା ସରକାରୀ ଆଦେଶ(ଜିଓ)କୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଉପରେ ଜଷ୍ଟିସ୍ ପି.କେ. ମିଶ୍ର ଏବଂ ଶ୍ରୀ ଚନ୍ଦ୍ରଶେଖରଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ ତାଙ୍କ ରାୟ ଶୁଣାଇଛନ୍ତି। ମାଡ୍ରାସ ହାଇକୋର୍ଟ ଜିଓକୁ ଖାରଜ କରିଦେଇଥିଲେ।

◆◆ପୃଷ୍ଠା ୭



# ୟେମେନରେ ହୁତିଙ୍କ ମିସାଇଲ ବର୍ଷା: ରାଷ୍ଟ୍ରପତି ଭବନ ଉପରେ ଭୟଙ୍କର ଆକ୍ରମଣ: ୪ ମୃତ

ନୂଆଦିଲ୍ଲୀ,୧୫/୧୦ : ୟେମେନରେ ପୁଣି ଭୟଙ୍କର ହୋଇଛି ଯୁଦ୍ଧ ପରିସ୍ଥିତି। ସାଉଦି ଆରବ ସମର୍ଥିତ ୟେମେନ ସରକାରକୁ ଟାର୍ଗେଟ୍ କରି ହୁତି ବିଦ୍ରୋହୀମାନେ ଅନ୍ତରୀଣ ରାଜଧାନୀ ଏଡେନରେ ଥିବା ରାଷ୍ଟ୍ରପତି ଭବନ ପରିସର ଉପରେ ଏକାଧିକ ମିସାଇଲ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ଅତିକମରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ମୃତକଙ୍କ ମଧ୍ୟରେ ୨ ଜଣ ସୁରକ୍ଷାକର୍ମୀ ଥିବା ଜଣାପଡ଼ିଛି। ରଏଟର୍ସର ରିପୋର୍ଟ ଅନୁଯାୟୀ, ୟେମେନର ସୂଚନା ମନ୍ତ୍ରଣାଳୟ ଏହି ଆକ୍ରମଣକୁ ନିଶ୍ଚିତ କରିଛି। ଆକ୍ରମଣ ସମୟରେ ରାଷ୍ଟ୍ରପତି ଭବନ ପରିସରରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ମନ୍ତ୍ରୀ ଉପସ୍ଥିତ ଥିଲେ। ତେବେ ସରକାରଙ୍କ ଶୀର୍ଷ ଅଧିକାରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାସ୍ଥଳ ନିକଟରେ ଅତିକମରେ ୫ଟି ଜୋରଦାର ବିସ୍ଫୋରଣ ଶୁଣିବାକୁ ମିଳିଥିଲା। ଏହାପରେ ରାଷ୍ଟ୍ରପତି ଭବନ ପରିସର ଉପରେ ଧୂଆଁର ବଡ଼ ଗୁବାର ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ପରିସରକୁ ଅତିକମରେ ୫ଟି ମିସାଇଲ ମାଡ଼ ହୋଇଥିଲା। ହୁତି ବିଦ୍ରୋହୀମାନେ ଏହି ଆକ୍ରମଣର ଦାୟିତ୍ୱ ନେଇଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ଏଡେନରେ ଥିବା ସାଉଦି ଆରବର ସାମରିକ ଅଭିଯାନ ମୁଖ୍ୟାଳୟକୁ ଟାର୍ଗେଟ୍ କରାଯାଇଥିଲା। ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରି କହିଛନ୍ତି ଯେ, ସାଉଦି ସେନାର ସାମରିକ ଗତିବିଧି ଓ ମୁତୟନ ଉପରେ ଆକ୍ରମଣ କରିବା ସେମାନଙ୍କ ନୀତିର ଅଂଶ। ସାଉଦି ସମର୍ଥିତ ୟେମେନ ସେନା ଅଭିଯୋଗ କରିଛି ଯେ, ହୁତି ବିଦ୍ରୋହୀମାନେ ସାଉଦି ଆରବର ବିଭିନ୍ନ ବିମାନବନ୍ଦର, ବନ୍ଦର ଓ ତୈଳ କେନ୍ଦ୍ର ଉପରେ ଆକ୍ରମଣ ଉଦ୍ୟମ କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଠିକଣାଗୁଡ଼ିକୁ ଲକ୍ଷ୍ୟ କରି ବାଲିଷ୍ଟିକ୍ ମିସାଇଲ ଓ ଡ୍ରୋନ୍ ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି।

◆◆ପୃଷ୍ଠା ୭

# ୧୮ରେ ଶପଥ ନେବେ ଓଡ଼ିଶାର ନୂଆ ରାଜ୍ୟପାଳ



ଭୁବନେଶ୍ୱର, ୧୫/୧୦ (ନି.ପ୍ର): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଆସନ୍ତା ୧୮ତାରିଖରେ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ। ଏଥିପାଇଁ ଓଡ଼ିଶା ଲୋକଭବନ ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୮ତାରିଖ ପୂର୍ବାହ୍ନ ୧୧ଟାରେ ଲୋକଭବନର ନୂଆ ଅଭିଷେକ ହଲ୍‌ରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନୂଆ ରାଜ୍ୟପାଳଙ୍କୁ ଶପଥ ପାଠ କରାଇବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଶପଥ ଗ୍ରହଣ କରିବା ପରେ ପୁରୀ ଗସ୍ତରେ ଯିବେ। ସେଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହ ପୁରୀ ଲୋକଭବନରେ କିଛି ସମୟ ବିତାଇବାର କାର୍ଯ୍ୟକ୍ରମ ରହିଥିବା ଓଡ଼ିଶା ଲୋକଭବନ ପକ୍ଷରୁ କୁହାଯାଇଛି।

◆◆ପୃଷ୍ଠା ୭

# ପ୍ରତାପ ଜେନାଙ୍କୁ ସୁପ୍ରିମକୋର୍ଟଙ୍କ କ୍ଲିନଚିଟ୍‌କୁ ବିଜେଡିର ସ୍ୱାଗତ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ମାହାଙ୍ଗା ଡବଲ୍ ମର୍ଡର ମାମଲା ସମ୍ପର୍କିତ ଆଇନଗତ ପ୍ରକ୍ରିୟାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନାଙ୍କୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ପକ୍ଷରୁ କ୍ଲିନଚିଟ୍ ମିଳିଥିବା ଖବର ପ୍ରକାଶ ପାଇଛି। ମାନ୍ୟବର ଅଦାଲତଙ୍କ ଆଦେଶ ପ୍ରକାଶ ପାଇବା ପରେ ଏବଂ ତାହାର ଅନୁଧ୍ୟାନ କରାଯିବା ପରେ ଏହି ନିଷ୍ପତ୍ତିର ସମ୍ପୂର୍ଣ୍ଣ ଆଇନଗତ ପ୍ରଭାବ ସ୍ପଷ୍ଟ ହୋଇଛି। ଯାହାକୁ ବିଜେଡି ସ୍ୱାଗତ କରିଛି। ବିଜେଡି କହିଛି ଯେ ପ୍ରତ୍ୟେକ ବ୍ୟକ୍ତି ଆଇନ ଅନୁଯାୟୀ ନ୍ୟାୟସଙ୍ଗତ ପ୍ରକ୍ରିୟା ଓ ନିରପେକ୍ଷ ଶୁଣାଣି ପାଇବାକୁ ହଦାର। ଆଇନଗତ ମାମଲାଗୁଡ଼ିକର ବିଚାର ରାଜନୈତିକ ଆଖ୍ୟାନ କିମ୍ବା ଆଗୁଆ ନିଷ୍କର୍ଷ ଟାଣିବାର ପ୍ରୟାସ ଆଧାରରେ ନୁହେଁ, ବରଂ ନ୍ୟାୟିକ ଆଦେଶ, ତଥ୍ୟ ଓ ପ୍ରମାଣ ଆଧାରରେ ନିରପେକ୍ଷ ଭାବେ କରାଯିବା ଉଚିତ। ସତ୍ୟ, ନ୍ୟାୟ ଓ ସନିଷ୍ଠା ହେଉଛି ଧର୍ମର ମୌଳିକ ସିଦ୍ଧାନ୍ତ। ବିଜେଡି ନ୍ୟାୟିକ ପ୍ରକ୍ରିୟା ଉପରେ ସଦୟ ଆସ୍ଥା ରଖୁଛି ଏବଂ ଦୃଢ଼ ଭାବେ ମତ ପୋଷଣ କରୁଛି ଯେ ରାଜନୈତିକ ହସ୍ତକ୍ଷେପ କିମ୍ବା ପୂର୍ବାଗ୍ରହ ବିନା ଆଇନ ତା' ବାଟରେ ନିଜ କାର୍ଯ୍ୟ କରିବା ଉଚିତ।

# ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଆଯିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫/୧୦ (ନି.ପ୍ର): ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ୨,୯୧,୬୬୬ ନୂଆ ଘର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହି ଯୋଜନାର କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି କରାଯାଇ ୨୦୨୭ ପରିବର୍ତ୍ତେ ୨୦୨୯ ପର୍ଯ୍ୟନ୍ତ ସମୟ ଅବଧି ବୃଦ୍ଧି କରାଯାଇଛି। ରାଜ୍ୟରେ ସମସ୍ତଙ୍କ ପାଇଁ ଘର ଯୋଗାଇ ଦେବାର ଲକ୍ଷ୍ୟ ଖୁବ୍ ଶୀଘ୍ର ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଯୋଜନାର ସମୁଦାୟ ପ୍ରକଳ୍ପ ଖର୍ଚ୍ଚ ୭,୫୫୦ କୋଟି ଟଙ୍କା ପୂର୍ବପରି ଅପରିବର୍ତ୍ତିତ ରହିବ। ଏହି ପ୍ରକଳ୍ପର ୩,୫୦୦ କୋଟି ଟଙ୍କା ମରାମତି ଅଂଶଧନକୁ ନୂଆ ଘର ନିର୍ମାଣ ପାଇଁ ନିଷ୍ପତ୍ତି କରାଯାଇଛି। ଏହି ଯୋଜନାରେ ଯେଉଁ ହିତାଧିକାରୀମାନେ ୪୮, ୫୦୦ ଟଙ୍କା କିମ୍ବା ତାଠାରୁ କମ ପାଇଥିବେ ଏବଂ ଅନ୍ୟ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହେବେ। ଏଥିପାଇଁ ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଶୀଘ୍ର ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନାରେ ପୂର୍ବ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପରିମାଣରେ ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ୪ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୫ ମାସରେ ଘର ଶେଷ କଲେ ୩୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ସେହିପରି ୬ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳୁଥିବା ବେଳେ ଏବେ ୭ ମାସରେ ଘର ଶେଷ କଲେ ୨୦ ହଜାର ଟଙ୍କା ମିଳିବ। ଏହାଦ୍ୱାରା ଆହୁରି ଅଧିକ ବ୍ୟକ୍ତି ଏହି ଯୋଜନାର ଲାଭ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

◆◆ପୃଷ୍ଠା ୭

# ଉପରାଷ୍ଟ୍ରପତି ଶୁକ୍ରବାର କର୍ଣ୍ଣାଟକ ଓ କେରଳମ୍ ଗସ୍ତରେ ଯିବେ

ନୂଆଦିଲ୍ଲୀ,୧୫/୧୦ : ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ଅକ୍ଟୋବର ୧୬ ତାରିଖ ଶୁକ୍ରବାର କର୍ଣ୍ଣାଟକ ଓ କେରଳମ୍ ଗସ୍ତ କରିବେ। ଏହି ଅବସରରେ ସେ କର୍ଣ୍ଣାଟକର କାରୱାରଠାରେ ଭାରତୀୟ ନୌସେନାର ଜାହାଜ 'ଆଇଏନ୍‌ଏସ୍ ସମର୍ଥକ'କୁ ନୌସେନାରେ ସାମିଲ କରିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହା ପରେ ଉପରାଷ୍ଟ୍ରପତି କେରଳମ୍‌ର କୋଝିକୋଡ୍ ଗସ୍ତ କରିବେ। ସେଠାରେ ସେ 'ନବରାତ୍ରି ସଙ୍ଗୀତ ମହୋତ୍ସବ-୨୦୨୬'ର ଉଦ୍‌ଘାଟନ କରିବେ।

# ଯନ୍ତରମନ୍ତରରୁ ଆନ୍ଦୋଳନ ସ୍ଥଳ ମାନ୍ୟତା ହଟାଇବା ମାମଲା: କେନ୍ଦ୍ର ଓ ଦିଲ୍ଲୀ ପୁଲିସକୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ



ନୂଆଦିଲ୍ଲୀ,୧୫/୧୦ : ଦିଲ୍ଲୀର ଯନ୍ତରମନ୍ତରକୁ ନିର୍ଦ୍ଧାରିତ ଆନ୍ଦୋଳନ ସ୍ଥଳ ତାଲିକାରୁ ବାଦ୍ ଦେବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାଏର ଆବେଦନର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଗୁରୁବାର କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିଛନ୍ତି। ଏହି ନିଷ୍ପତ୍ତି ସମ୍ପର୍କରେ ଉଭୟ ପକ୍ଷଙ୍କଠାରୁ ଜବାବ ଲୋଡ଼ିଛନ୍ତି ସର୍ବୋଚ୍ଚ ଅଦାଲତ। ଜବାବରେ ସନ୍ତୁଷ୍ଟ ନ ହେଲେ ଆଇନ ତା' ବାଟରେ ଯିବ ବୋଲି କୋର୍ଟ କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ କହିଥିଲେ ଯେ ଯନ୍ତରମନ୍ତରକୁ ଆନ୍ଦୋଳନ ସ୍ଥଳ ମାନ୍ୟତାରୁ ବାଦ୍ ଦେବା ନିଷ୍ପତ୍ତି ଏକ କମିଟିର ସୁପାରିସ ଆଧାରରେ ନିଆଯାଇଛି। ଦିଲ୍ଲୀ ପୁଲିସର ଅକ୍ଟୋବର ୧୧ ତାରିଖର ଆଦେଶ ଅନୁସାରେ, ରାମଲୀଳା ମଇଦାନ, ବୁରାଡ଼ି ମଇଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ମଇଦାନକୁ ଆନ୍ଦୋଳନ ପାଇଁ ନୂଆ ସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଏହି ସ୍ଥାନଗୁଡ଼ିକରେ ଆନ୍ଦୋଳନ ଆୟୋଜନ ପାଇଁ ନିୟମାବଳୀ ପରେ ଜାରି କରାଯିବ ବୋଲି ମଧ୍ୟ ଆଦେଶରେ କୁହାଯାଇଛି। ଦିଲ୍ଲୀର ମଧ୍ୟଭାଗରେ ଅବସ୍ଥିତ ଯନ୍ତରମନ୍ତର ଦୀର୍ଘଦିନ ଧରି ବିଭିନ୍ନ ଆନ୍ଦୋଳନର ପ୍ରମୁଖ ସ୍ଥଳ ରହିଆସିଛି। ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟଠାରୁ ଆରମ୍ଭ କରି ଭୋଟ୍ ଚୋରି ଅଭିଯୋଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଏଠାରେ ଆନ୍ଦୋଳନ ହୋଇଛି। ଏହି ସ୍ଥଳର ମାନ୍ୟତା ହଟାଇବା ନିଷ୍ପତ୍ତିକୁ ନେଇ ଏବେ ଆଇନଗତ ବିଚାର ଆରମ୍ଭ ହୋଇଛି।

# ବିକ୍ରି ହେବ ଆଇଡିବିଆଇ ବ୍ୟାଙ୍କ: ଗ୍ରାହକଙ୍କ ଟଙ୍କା ବୁଡ଼ିଯିବନି ତ ?

ନୂଆଦିଲ୍ଲୀ,୧୫/୧୦ : ଆଇଡିବିଆଇ ବ୍ୟାଙ୍କର ଗ୍ରାହକଙ୍କ ପାଇଁ ବଡ଼ ଖବର । ବ୍ୟାଙ୍କରେ ଥିବା କେନ୍ଦ୍ର ସରକାର ଓ ଭାରତୀୟ ଜୀବନ ବୀମା ନିଗମର ଅଂଶଧନ ବିକ୍ରି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହାଦ୍ୱାରା ବ୍ୟାଙ୍କର ମାଲିକାନାରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ତେବେ ଏହି ନିଷ୍ପତ୍ତି ପରେ ଆଇଡିବିଆଇ ବ୍ୟାଙ୍କରେ ଖାତା ଥିବା ଗ୍ରାହକଙ୍କ ଟଙ୍କା ସୁରକ୍ଷିତ ରହିବ ତ? ସେମାନଙ୍କୁ ନିଜ ସେଭିଂ ଆକାଉଣ୍ଟ ବନ୍ଦ କରିବାକୁ ପଡ଼ିବ କି? ନା ଜମା ଟଙ୍କା ଉଠାଇ ନେବା ଉଚିତ? ଏଭଳି ପ୍ରଶ୍ନ ଏବେ ଅନେକ ଗ୍ରାହକଙ୍କ ମନରେ ଉଠୁଛି । ବ୍ୟାଙ୍କର ମାଲିକାନା ବଦଳିବା ମାତ୍ରେ ଗ୍ରାହକଙ୍କ ସେଭିଂ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ କିମ୍ବା ଫିକ୍ସଡ୍ ଡିପୋଜିଟ୍ ସ୍ୱତଃ ବନ୍ଦ ହୋଇଯିବ ନାହିଁ । ତେଣୁ କେବଳ ମାଲିକାନା ପରିବର୍ତ୍ତନ ଖବର ଶୁଣି ଆତଙ୍କିତ ହୋଇ ନିଜ ଜମା ଟଙ୍କା ଉଠାଇବାର ଆବଶ୍ୟକତା ନାହିଁ । ବିଜନେସ୍ ଷ୍ଟାଣ୍ଡାର୍ଡ ସହ ଆଲୋଚନା ବେଳେ ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନଭିସ୍ କହିଛନ୍ତି ଯେ, ଏହି ପରିବର୍ତ୍ତନ ପରେ ମଧ୍ୟ ଜମାକାରୀ ଓ ଋଣ ନେଇଥିବା ଗ୍ରାହକଙ୍କ ପାଇଁ ବ୍ୟାଙ୍କିଂ ସେବା ସାଧାରଣ ଭାବେ ଜାରି ରହିବା ଆଶା କରାଯାଉଛି । ଆଇଡିବିଆଇ ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମ ଅନୁସାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ଭାବେ ରହିବ । ଏଭଳି ସ୍ଥିତିରେ ଗ୍ରାହକମାନେ କିଛି କଥା ପ୍ରତି ସତର୍କ ରହିବା ଜରୁରୀ । ପ୍ରଥମେ, ବ୍ୟାଙ୍କର ଅଫିସିଆଲ୍ ୱେବସାଇଟ୍ ଓ ଅଧିକୃତ ଘୋଷଣା ଉପରେ ନଜର ରଖନ୍ତୁ । ଦ୍ୱିତୀୟରେ, ବ୍ୟାଙ୍କ ଖାତା ବନ୍ଦ କରିବା କିମ୍ବା ଟଙ୍କା ଉଠାଇବାକୁ କହି କୌଣସି ଅଜଣା ବ୍ୟକ୍ତି ଫୋନ୍ କିମ୍ବା ମେସେଜ୍ କଲେ ସତର୍କ ରୁହନ୍ତୁ । ନିଜର ଓଟିପି, ପିନ୍ କିମ୍ବା ବ୍ୟାଙ୍କ ସମ୍ପର୍କିତ ଗୁପ୍ତ ତଥ୍ୟ କାହାକୁ ଦିଅନ୍ତୁ ନାହିଁ । ଋଣ ନେଇଥିବା ଗ୍ରାହକମାନେ ପୂର୍ବ ନିୟମ ଅନୁଯାୟୀ

◆◆ପୃଷ୍ଠା ୭


ସାଗରିକା




ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ପର୍ବ ଓ ସାରସ୍ୱତ ସମାରୋହ- ୨୦୨୬

ମହାଶୟ/ ମହାଶୟା;

ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା'ର ଶାରଦୀୟ ବିଶେଷାଙ୍କର ଉନ୍ମୋଚନ ଉତ୍ସବ ତଥା ସାରସ୍ୱତ ସମାରୋହ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ପାଖ) ସଭାଗୃହରେ ତା ୧୭.୧୦.୨୦୨୬ ଶନିବାର ସଂଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହେବ।

ଆପଣ ଏହି ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ସଭାରେ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଆମର ବିନମ୍ର ଅନୁରୋଧ।

ଆପଣଙ୍କ ଅପେକ୍ଷାରେ....

ସୃଷ୍ଟିଧର ପରିଡ଼ା

ମୁଖ୍ୟ ସମ୍ପାଦକ: ସାଗରିକା/ ଧ୍ୱନି ପ୍ରତିଧ୍ୱନି ବାଲେଶ୍ୱର

# ଠାକୁରାଣୀସାହି କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ



ବାରିପଦା ,୧୫/୧୦ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ଠାକୁରାଣୀସାହି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ୧ନଂ ୱାର୍ଡ ସ୍ଥିତ ବୁଢ଼ୀଖମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ଓ ସି ଆର ସି ସି ପୂଜାରିଣୀ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀତା ବେହେରାଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ କାଉନସିଲର ସୁକେଶିନୀ ସେଠି ଉଦଘାଟନ କରିଥିଲେ ଓ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂହ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରକାଶ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ, ଏ ବି ଇ ଓ ସୁକୁମାର ରାଉତ, ଶିକ୍ଷକ ନେତା ପ୍ରଦୀପ କୁମାର ନାଥ, ସିଦ୍ଧେଶ୍ୱର ମିଶ୍ର, ଗୌର ଗୋପାଳ ଲେଙ୍କା, ସି ଆର ସି ସି ଭବାନୀ ସିଂହ ଓ ରାଜକିଶୋର ସେଠି, ପୂର୍ବତନ ବି ଆର ସି ସି ତପସ୍ୱିନୀ ଦାଶ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ୩ଟି ପ୍ରାଥମିକ, ୫ଟି ଉଚ୍ଚ ପ୍ରାଥମିକ, ୫ଟି ଉଚ୍ଚ ଓ ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ବିଭିନ୍ନ ବିଦ୍ୟାଳୟରୁ ୧ମ ସ୍ଥାନ ଅଧିକାର କରି ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ସଂଗୀତ, ହସ୍ତାକ୍ଷର, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, କୁଇଜ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଜୁନିୟର ଓ ସିନିୟର ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ୧ମ ସ୍ଥାନ ଅଧିକାର କରିଥିବା ୨୫ ଜଣ ଓ ଦଳଗତ ନୃତ୍ୟରେ ଭଂଜପୁର ବାଳିକା ଉଚ୍ଚ ବିଦ୍ୟାଳୟ ୧ମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି ଓ ନୁଆସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦେ ଓ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୂଆ ପରିବାର ପାଇଲା ଶିଶୁକନ୍ୟା ସ୍ୱପ୍ନା: ଭଦ୍ରକ ଉତ୍କଳ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ମାଧ୍ୟମରେ ପୋଷ୍ୟ ସନ୍ତାନ ଗ୍ରହଣ

ଭଦ୍ରକ, ୧୫/୧୦ (ନି.ପ୍ର): ଭଦ୍ରକ ନୂଆବଜାରସ୍ଥିତ ଉତ୍କଳ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ମାଧ୍ୟମରେ ପାଞ୍ଚ ମାସର ଶିଶୁକନ୍ୟା ସ୍ୱପ୍ନା (ଛଦ୍ମନାମ)ଙ୍କୁ ବେଙ୍ଗାଲୁରୁର ୪୦ ବର୍ଷୀୟା ଏକକ ପୋଷ୍ୟଗ୍ରାହୀ ମାତା ରୂପସୀ ମେହେଟା (ଛଦ୍ମନାମ) ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି । ଏହା ଫଳରେ ଶିଶୁକନ୍ୟାଟି ଏକ ନୂତନ ପରିବାରରେ ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷା ମଧ୍ୟରେ ବଢ଼ିବାର ସୁଯୋଗ ପାଇଛି । କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବଳ ପ୍ରାଧିକରଣର ନିର୍ଦ୍ଦେଶାବଳୀ ଓ ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଏହି ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ଶିଶୁକନ୍ୟାଟିକୁ ପୋଷ୍ୟ ମାତାଙ୍କ ହସ୍ତରେ ଔପଚାରିକ ଭାବେ ହସ୍ତାନ୍ତର କରିଥିଲେ । ଏହି ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଅଣ-ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଏହି ପୋଷ୍ୟ ସନ୍ତାନ ଗ୍ରହଣ, ଶିଶୁକନ୍ୟା ସ୍ୱପ୍ନାଙ୍କ ଜୀବନରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିଛି । ଏକ ସ୍ନେହପୂର୍ଣ୍ଣ, ସୁରକ୍ଷିତ ଓ ସହଯୋଗପୂର୍ଣ୍ଣ ପାରିବାରିକ ପରିବେଶରେ ଶିଶୁଟିର ସାମଗ୍ରିକ ବିକାଶ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ଉଠିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଣ-ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ ଆଶାବ୍ୟକ୍ତ କରିଛନ୍ତି । ଶିଶୁମାନଙ୍କୁ ସୁରକ୍ଷିତ ପାରିବାରିକ ପରିବେଶ ପ୍ରଦାନ କରିବା ଏବଂ ସେମାନଙ୍କର ଉତ୍ତମ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ହାଇକୋର୍ଟ ନିକଟରୁ ଉଠିଯିବ ସବୁ ସରକାରୀ କାର୍ଯ୍ୟାଳୟ

କଟକ,୧୫/୧୦ (ନି.ପ୍ର): ଓଡ଼ିଶା ହାଇକୋର୍ଟ ଚାରିପଟ ଅଞ୍ଚଳରେ ଥିବା ଅନ୍ୟ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯିବ । ସେଠାରେ କେବଳ ଅଦାଲତ ଅଥବା ଆଇନ ବିଭାଗ ସହ ଜଡ଼ିତ କାର୍ଯ୍ୟାଳୟ ରହିବ । ଏ ପ୍ରକାର ଏକ ନୂଆ ଯୋଜନା ସହିତ ହାଇକୋର୍ଟ ଅଞ୍ଚଳକୁ ନୂଆ ରୂପ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି । ଯଦିଓ ଏ ସଂକ୍ରାନ୍ତରେ କୌଣସି ଔପଚାରିକ ଘୋଷଣା ହୋଇନାହିଁ, ତଥାପି ପୂର୍ତ୍ତ ବିଭାଗ ଡିପିଆର ପ୍ରସ୍ତୁତ କରିଛି । ଗତବର୍ଷ ଅଗଷ୍ଟରେ ବିଡ଼ାନାସୀ କୃଷକବଜାର ନିକଟରେ ଜିଲ୍ଲାପାଳଙ୍କ ନୂତନ କୋଠାକୁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ । ୨ ବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ସ୍ଥିର ହୋଇଛି । ପ୍ରାୟତଃ ୨୦୨୮ ବେଳକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଫିସ୍‌ଗୁଡ଼ିକ ବିଡ଼ାନାସୀକୁ ଚାଲିଯିବ । ପାଖାପାଖି ୫ଏକର ଜମିରେ ଜି+୫ କୋଠା ନିର୍ମାଣ ଜାରି ରହିଛି । ଏହା ପାଖକୁ କିଛି ଖାଲି ଜାଗା ଚିହ୍ନଟ କରାଯାଇଛି । ସେଠାକୁ ରାଜସ୍ୱ ପର୍ଷଦ କୋଠାରେ କାର୍ଯ୍ୟ କରୁଥିବା ସମସ୍ତ କାର୍ଯ୍ୟାଳୟ ଓ କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ଚାଲିଯିବ । ସେହିଭଳି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟକୁ ପ୍ରେସ୍‌ଛକର ନିଜସ୍ୱ କୋଠାକୁ ସ୍ଥାନାନ୍ତର ପାଇଁ ଯୋଜନା ପ୍ରସ୍ତୁତ ହୋଇଯାଇଛି । ରାଜସ୍ୱ ପର୍ଷଦର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଚାଲୁଥିବା ବେଳେ ରାଜସ୍ୱ ପର୍ଷଦ କୋଠାରେ ଆଇଜିଆର, ଏସ୍‌ଟିଏ, କ୍ୟାଟ୍, ଜମି ରେକର୍ଡ ଓ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଚକବନ୍ଦୀ କମିସନର, କଟକ ଏନ୍‌ଆଇସି ଭଳି ପାଖାପାଖି ୧୦ଟି କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ଆରଡିସିଙ୍କ କୋଠାରେ ଭିନ୍ନଭିନ୍ନ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି ।

# ଯୋଡ଼ା ଫେରୋ ଆଲଏଜ୍ ପ୍ଲାଂଟ ପରିସରରେ ଜରୁରୀକାଳୀନ ଅଫ୍‌ସାଇଟ୍ ମକ୍‌ଡ୍ରିଲ୍ ଅନୁଷ୍ଠିତ

କେନ୍ଦୁଝର,୧୫/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ କାରଖାନା ଓ ବାଷ୍ପୀୟ ନିର୍ଦ୍ଦେଶାଳୟର ଆନୁକୂଲ୍ୟରେ ଆଜି ଯୋଡ଼ାସ୍ଥିତ ଫେରୋ ଆଲଏଜ୍ ପ୍ଲାଂଟ ପରିସରରେ ଏକ ଜରୁରୀକାଳୀନ ଅଫ୍‌ସାଇଟ୍ ମକ୍‌ଡ୍ରିଲ୍ (କୃତ୍ରିମ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ) ଏବଂ ସ୍ଥାନୀୟ ସଙ୍କଟ ପରିଚାଳନା ଗୋଷ୍ଠୀର ବୈଠକ ଅନୁଷ୍ଠିତ ହୋଇଯାଇଛି । କାରଖାନା ଓ ବାଷ୍ପୀୟ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୂତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ବିଲ ତହସିଲଦାର ଶ୍ରୀଯୁକ୍ତ ରାକେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସହକାରୀ ନିର୍ଦ୍ଦେଶକ କେଦାର ନାଥ ହାଁସଦାଙ୍କ ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଡିପିଓ) ଏସ୍.କେ. ଏଯାଜ ଇକବାଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ଭବିଷ୍ୟତରେ କୌଣସି କାରଣରୁ ଶିଳ୍ପାଂଚଳରେ ରାସାୟନିକ ବିପର୍ଯ୍ୟୟ ଘଟିଲେ, ତାହାର ତ୍ୱରିତ ଓ ପ୍ରଭାବଶାଳୀ ମୁକାବିଲା ପାଇଁ ଆବଶ୍ୟକ ପୂର୍ବପ୍ରସ୍ତୁତି, ସତର୍କତା, ଉଦ୍ଧାର କାର୍ଯ୍ୟ, ଆପତ୍କାଳୀନ ସେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହାପରେ ଯୋଡ଼ାସ୍ଥିତ ସେଣ୍ଟ୍ରାଲ୍ ପ୍ଲେ ଗ୍ରାଉଣ୍ଡଠାରେ ମକ୍‌ଡ୍ରିଲ୍ ଆୟୋଜନ କରାଯାଇଥିଲା । ଏଥିରେ ଯୋଡ଼ା ଅଗ୍ନିଶମ ବାହିନୀ, ଟାଟା ଷ୍ଟିଲ୍ ଏବଂ ଜିନ୍ଦଲ ଫେରୋ ମାଙ୍ଗାନିଜ୍ ପ୍ଲାଂଟ ପକ୍ଷରୁ ବିପର୍ଯ୍ୟୟର ମୁକାବିଲା ଓ କ୍ଷୟକ୍ଷତି ହ୍ରାସ ନିମନ୍ତେ ଆଧୁନିକ ଉପକରଣ ଓ ଆବଶ୍ୟକ ସାଜସରଞ୍ଜାମର ବ୍ୟବହାର ସହିତ ପ୍ରସ୍ତୁତିମୂଳକ ଅଭ୍ୟାସ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍, ଟାଟା ସ୍ପଞ୍ଜ, ଜିନ୍ଦଲ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନର ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ନିଜ ନିଜର ମତାମତ ରଖିଥିଲେ । ଶିଳ୍ପାଂଚଳରେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ଓ ଶିଳ୍ପାନୁଷ୍ଠାନ ପକ୍ଷରୁ ସତର୍କତା, ନିୟମିତ ପ୍ରସ୍ତୁତି ଏବଂ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଭଳି ମକ୍‌ଡ୍ରିଲ୍ ଦ୍ୱାରା ବିପର୍ଯ୍ୟୟ ସମୟରେ ତ୍ୱରିତ ପଦକ୍ଷେପ ଗ୍ରହଣ, ଜନଜୀବନର ସୁରକ୍ଷା ଏବଂ ସମ୍ଭାବ୍ୟ କ୍ଷୟକ୍ଷତିକୁ ସର୍ବନିମ୍ନ କରିବା ଦିଗରେ ପ୍ରଶାସନ, ଅଗ୍ନିଶମ ବାହିନୀ ଓ ଶିଳ୍ପାନୁଷ୍ଠାନଗୁଡ଼ିକର ପ୍ରସ୍ତୁତି ଅଧିକ ସୁଦୃଢ଼ ହୋଇପାରିବ ।

# ବ୍ୟବସାୟୀ ଅକ୍ଷୟ ପାତ୍ରଙ୍କ ପରଲୋକ

ଭୁବନ,୧୫/୧୦ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୧୪ ନମ୍ବର ୱାର୍ଡ ବଢେଇ ସାହି ବିଶିଷ୍ଟ ବ୍ୟବସାୟୀ ଅକ୍ଷୟ କୁମାର ପାତ୍ର ( ୬୩ )ଙ୍କ ବୁଧବାର ମଧ୍ୟରାତ୍ରରେ ହୃଦଘାତରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଅକ୍ଷୟ ବାବୁ ନୂଆ ବଜାରରେ ଦୀର୍ଘ ଦିନ ହେଲା ଗ୍ରୋସେରି ଦୋକାନ କରି ତାଙ୍କ ଉତ୍ତମ ବ୍ୟବହାର ପାଇଁ ଲୋକ ପ୍ରିୟତା ହାସଲ କରିଥିଲେ । ତାଙ୍କ ବିୟୋଗ ଖବର ଶୁଣି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ନୂଆ ବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି ଓ କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ସଶକ୍ତ ଯୁବଶକ୍ତି ସମୃଦ୍ଧ ଭାରତ ଗଠନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୧୫/୧୦ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅଧିନରେ ଏବଂ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଖୋର୍ଦ୍ଧା ଜିଲ୍ଲାର ସାଂସ୍କୃତିକ ଧାରା ଓ ପଥ ଅଧିନ ସଶକ୍ତ ଯୁବଶକ୍ତି ଓ ସମୃଦ୍ଧ ଭାରତ ଗଠନକୁ ନେଇ ବିଭିନ୍ନ ପ୍ରତିଯୋଗିତା ବ୍ଲକ୍ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳୀ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ମାଇଁ ଭାରତ, ହିସାବ ଏବଂ କାର୍ଯ୍ୟକ୍ରମ ଅଧିକାରୀ ସୁଭେନ୍ଦ୍ର ନାଥ ସାହୁ ଯୋଗଦେଇଥିବାବେଳେ ଆଭାଷିରେ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ସମସ୍ତ ବ୍ଲକର ବିଡିଓମାନେ ଯୋଗଦେଇଥିଲେ । ଆସନ୍ତା ଅକ୍ଟୋବର ୩୧ ତାରିଖ ସୁଦ୍ଧା ବିଡିଓମାନେ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ଉକ୍ତ ପ୍ରତିଯୋଗିତା ମାନ ଅନୁଷ୍ଠିତ କାରାଇ ଫଳାଫଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପଠାଇବେ । ଏହି ସମସ୍ତ ପ୍ରତି ଯୋଗିତାର ଥିମ୍ ବା ବିଷୟ ରହିଛି 'ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବ ପୀଢ଼ି' । ପ୍ରତିଯୋଗିତାର ନାମଗୁଡ଼ିକ ହେଉଛି ପାରମ୍ପାରିକ ନୃତ୍ୟ ଟିମ୍ ଯେଉଁ ଥିରେ ୭ ଜଣ ପ୍ରତିଯୋଗୀ ଏବଂ ୩ ଜଣ ସହାୟତାକାରୀଙ୍କୁ ନେଇ ୧୦ ଜଣ ରହିବେ । ସେହିପରି ପ୍ରତିଯୋଗୀଙ୍କ ବୟସ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ରୁ ୨୯ ବର୍ଷ ହୋଇଥିବ । ସହାୟତାକାରୀଙ୍କ ବୟସ ୧୮ରୁ ୪୦ ବର୍ଷ ହୋଇଥିବ । ପାରମ୍ପାରିକ ନୃତ୍ୟ ପ୍ରତିଯୋଗିତାର ସମୟ ୮ ମିନିଟ ରହିଅଛି । ପାରମ୍ପାରିକ ସଙ୍ଗୀତ ପ୍ରତିଯୋଗିତା ଟିମ୍‌ରେ ୭ ଜଣ ପ୍ରତିଯୋଗୀ ଓ ୩ ଜଣ ସହାୟତାକାରୀଙ୍କୁ ନେଇ ୧୦ ଜଣ ରହିବେ । ପ୍ରତିଯୋଗୀଙ୍କ ବୟସ ୧୫ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ । ସହାୟତାକାରୀଙ୍କ ବୟସ ୧୮ରୁ ଚାଳିଶ ହୋଇଥିବ । ଏହି ପ୍ରତିଯୋଗିତାରେ ୮ ମିନିଟ୍ ସମୟ ରହିଛି କ୍ଷ ଚିତ୍ରକଳା ପ୍ରତିଯୋଗିତା ପାଇଁ ଏକକ ପ୍ରତିଯୋଗୀ, ବୟସ ୧୫ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ । ଚିତ୍ରକଳା ପାଇ ୬ ଘଂଟା ସମୟ ପ୍ରଦାନ କରାଯିବ । ନୁକଡ ନାଟକ ପାଇଁ ୧୦ ଜଣ ପ୍ରତିଯୋଗୀ ଟିମ୍‌ରେ ରହିବେ । ସେମାନଙ୍କ ବୟସ ୧୫ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ । ସେମାନଙ୍କୁ ସମୟ ୧୦ ମିନିଟ୍ ପ୍ରଦାନ କରାଯିବ । କବିତା ଲେଖିବା ପ୍ରତିଯୋଗିତା ପାଇଁ ଏକକ ପ୍ରତିଯୋଗୀ ଭାଗନେବେ ଓ ସେମାନଙ୍କ ବୟସ ୧୫ରୁ ୨୯ ବର୍ଷ ହୋଇଥିବ । ସେମାନଙ୍କୁ ସମୟ ୧.୫ ଘଂଟା ଦିଆଯିବ ଓ ସେମାନେ ଓଡ଼ିଆ, ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ କବିତା ଲେଖି ପାରିବେ । ପ୍ରତ୍ୟେକ ବ୍ଲକରୁ ଶ୍ରେଷ୍ଠ ପ୍ରତିଯୋଗୀ ଓ ଦଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ବ୍ଲକ୍ ସ୍ତରରେ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ବ୍ଲକର ବିଡିଓଙ୍କ ଅଧକ୍ଷତାରେ ତସିଲଦାର, ବ୍ଲକ୍ ଶିକ୍ଷା ଅଧିକାରୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ମହାବିଦ୍ୟାଳୟର ଅଧକ୍ଷ ଅଧକ୍ଷା, କ୍ରୀଡ଼ା ଶିକ୍ଷକମାନଙ୍କୁ ନେଇ ପ୍ରତିଯୋଗିତା ସୁଚାରୁ ପରିଚାଳନା ନିମନ୍ତେ କମିଟି ଗଠନ କରାଯାଇଛି । ଏହି ପ୍ରତିଯୋଗିତା ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତା ରଖାଯାଇନାହିଁ । ଯେକୌଣସି ସାଧାରଣ ଲୋକ, ଛାତ୍ରଛାତ୍ରୀ ନିର୍ଦ୍ଧାରିତ ବୟସ ସୀମାରେ ହୋଇଥିଲେ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିପାରିବେ । ବ୍ଲକ୍‌ସ୍ତରରେ ପ୍ରଥମ ପ୍ରତିଯୋଗୀ, ଟିମ୍ ଜିଲ୍ଲା ସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଜିଲ୍ଲାସ୍ତରରେ ପାରମ୍ପାରିକ ନୃତ୍ୟ, ପାରମ୍ପାରିକ ସଙ୍ଗୀତ, ଚିତ୍ରକଳା ଓ କବିତା ଲେଖନ ପ୍ରତି ଜୋଗିତାର ଶ୍ରେଷ୍ଠ ଦୁଇ ପ୍ରତିଯୋଗୀ, ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । କେବଳ ନୁକଡ଼ ନାଟକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଏକ ଗୋଟି ଶ୍ରେଷ୍ଠ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଗତ ୨୦୨୫ ବର୍ଷରେ ଯେଉଁ ମାନେ ଜିଲ୍ଲାସ୍ତରରେ ଭାଗ ନେଇ ନଥିବେ ଏବଂ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇନଥିବେ ସେମାନେ ଅଂଶଗ୍ରହଣ କରିପାରିବେ । ଅଂଶଗ୍ରହଣକାରୀମାନେ ଆବଶ୍ୟକ ସ୍ଥଳେ ନିଜ ନିଜ ଅଂଚଳର ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହ ବିସ୍ତୃତ ତଥ୍ୟ ପାଇଁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଏହି ପ୍ରତିଯୋଗିତାକୁ ସୁଚାରୁ ରୂପେ ସଂଚାଳନ ନିମନ୍ତେ ସମସ୍ତ ପୌର ପରିଷଦ ଓ ବିଜ୍ଞାପିତ ଅଂଚଳ ନିର୍ବାହୀ ଅଧିକାରୀମାନେ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଆବଶ୍ୟକ ସହଯୋଗ କରିବାକୁ ଆୟୁକ୍ତଙ୍କ ଅନୁରୋଧ କରାଯାଇଅଛି । ଏହା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଗଲା ।

# ଏସଆଇ, ଏଏସଆଇ ଓ କନଷ୍ଟେବଲଙ୍କ ଜାମିନ ଖାରଜ କଲେ ହାଇକୋର୍ଟ




କଟକ,୧୫/୧୦ (ନି.ପ୍ର): ୨୦୧୭ ମସିହାରେ ଜଣେ ବ୍ୟକ୍ତିଙ୍କ ପୁଲିସ ହେପାଜତରେ ମୃତ୍ୟୁ ଘଟଣାରେ ଗିରଫ ହୋଇ ଜେଲରେ ଥିବା ତିନି ଜଣ ପୁଲିସ କର୍ମଚାରୀଙ୍କ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଛନ୍ତି । ମୃତ ବ୍ୟକ୍ତିଙ୍କ ଶରୀରରେ ୨୪ଟି ସ୍ଥାନରେ କ୍ଷତ ଚିହ୍ନ ଥିବା ତଥା ପୁଲିସ ହାଜତରେ ଏଭଳି ଘଟଣା ଘଟିଥିବା ଓ ଅଭିଯୁକ୍ତଙ୍କୁ ସୁହାଇଲା ଭଳି ଡାକ୍ତରୀ ମତ ହାସଲ ଉଦ୍ୟମ ଅଭିଯୋଗକୁ ବିଚାରକୁ ନେଇ ଏ ସଂପର୍କିତ ତିନୋଟି ଜାମିନ ଆବେଦନକୁ ଖାରଜ କରିଛନ୍ତି । ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁଲିସ କନଷ୍ଟେବଳ ଦେବେନ୍ଦ୍ର କୁମାର ପାଏକ, ଏଏସଆଇ କୃଷ୍ଣଚନ୍ଦ୍ର ବେହେରା ଓ ଏସଆଇ ଶିବ ପ୍ରସାଦ ସାହୁଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି । ଏହି ଅଭିଯୁକ୍ତମାନେ ୨୦୨୫, ଅଗଷ୍ଟ ୨୯ରୁ ଗିରଫ ହୋଇ ଜେଲରେ ଅଛନ୍ତି । କୋରାପୁଟ ଦେ?ରା ଅଦାଲତରେ ଜାମିନ ଖାରଜ ହେବା ପରେ ଅଭିଯୁକ୍ତମାନେ ଜାମିନ ପାଇଁ ହାଇକୋର୍ଟରେ ପୃଥକ ଆବେଦନ ଦାୟର କରିଥିଲେ । ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୭, ଜାନୁଆରି ୩୦ରେ ୧୪ଟି ଅପରାଧିକ ମାମଲାରେ ଜଡ଼ିତ ଆକାଶ ମହୁରିଆଙ୍କୁ ଗିରଫ କରିବା ପାଇଁ ପୁଲିସ ଦଳ ଯାଇଥିଲା । ପୁଲିସ ପକ୍ଷରୁ ଦାବି କରାଯାଇଥିଲା ଯେ ଗିରଫଦାରୀ ଏଡ଼ାଇବା ପାଇଁ ମୋଟର ସାଇକେଲରେ ଖସିଯିବା ବେଳେ ଜୟପୁର ଟାଉନ ଥାନା ଅନ୍ତର୍ଗତ କେନାଲ ରୋଡ଼ରେ ପଡ଼ିଯିବାରୁ ଆକାଶ ଗୁରୁତର ଆହତ ହୋଇଥିଲେ ଓ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପ୍ରାରମ୍ଭରେ ଏହାକୁ ଏକ ଦୁର୍ଘଟଣା ଦର୍ଶାଇ ମାମଲା ବନ୍ଦ କରାଯାଇଥିବା ବେଳେ, ମୃତକଙ୍କ ମା' ଓଡ଼ିଶା ମାନବିକ ଅଧିକାର କମିସନ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହା ପୁଲିସ ହେପାଜତରେ ହତ୍ୟା ବୋଲି ଅଭିଯୋଗ କରିଥିଲେ । ଆକାଶଙ୍କୁ ପୁଲିସ ମାଡ ମାରି ହତ୍ୟା କରିଥିଲା ଓ ସଂପୂର୍ଣ୍ଣ ଘଟଣାକୁ ଏକ ଦୁର୍ଘଣାର ରୂପ ଦେବାକୁ ଉଦ୍ୟମ କରାଯାଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଥିଲା । କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ଅଭିଯୁକ୍ତ ପୁଲିସ କନଷ୍ଟେବଳ ଦେବେନ୍ଦ୍ର କୁମାର ପାଇକ, ଏଏସ୍‌ଆଇ. କୃଷ୍ଣଚନ୍ଦ୍ର ବେହେରା ଓ ଏସଆଇ ଶିବ ପ୍ରସାଦ ସାହୁ ୨୦୨୫ ଅଗଷ୍ଟ ୨୯ ତାରିଖରୁ ଗିରଫ କରାଯାଇଥିଲା । ସାକ୍ଷୀଙ୍କ ବୟାନ, ଡାକ୍ତରୀ ପ୍ରମାଣ ଓ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଅଭିଯୁକ୍ତମାନଙ୍କୁ ଏହି ପର୍ଯ୍ୟାୟରେ ଜାମିନ ଦେବାକୁ ମନା କରିଦେଇଛନ୍ତି । ଏଡେଲାକାରୀ ଙ୍କ ତରଫରୁ ରୁ ଆଇନଜୀବୀ ସୂର୍ଯ୍ୟକାନ୍ତ ଦାଶ ମାମଲା ପରିଚାଳନା କରୁଥିଲେ ।

# କୁଟାରୀପଶିରେ ନିମ୍ନମାନର ମିନି ପାର୍କ ନିର୍ମାଣକୁ ନେଇ ଜନ ଅସନ୍ତୋଷ

ଚମ୍ପୁଆ,୧୫/୧୦ (ନି.ପ୍ର): ବିକାଶ ନାଁରେ ଚାଲିଛି ମହାଦୁର୍ନୀତି । ସରକାରୀ ଯୋଜନାର ଅର୍ଥକୁ କିଭଳି ହରିଲୁଟ୍ କରାଯାଉଛି, ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ କୁଟାରୀପଶି ଗ୍ରାମ ପଂଚାୟତରେ । 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ମିନି ପାର୍କ ନିର୍ମାଣ ନାମରେ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ହଡ଼ପ କରା ଯାଉଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପଂଚାୟତ କାର୍ଯ୍ୟାଳୟ ନିକଟରେ ଲାଗିଥିବା ସୂଚନା ଫଳକ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ରେ କୁଟାରୀପଶି ଗ୍ରାମରେ ଏକ ମିନି ପାର୍କ ନିର୍ମାଣ ପାଇଁ ୪,୯୫,୫୩୮ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି କାର୍ଯ୍ୟର ନିର୍ବାହୀ ସଂସ୍ଥା ସ୍ୱୟଂ ଚମ୍ପୁଆ ପଂଚାୟତ ସମିତି ରହିଛି । ଆଶ୍ଚର୍ଯ୍ୟର ବିଷୟ, ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ କିମ୍ବା ଶେଷ ହେବାର କୌଣସି ତାରିଖ ଉଲ୍ଲେଖ କରାଯାଇ ନାହିଁ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସେଠାରେ ପାର୍କର କୌଣସି ନାମଗନ୍ଧ ନାହିଁ । କେବଳ ପଂଚାୟତ ପରିସରରେ ଥିବା ପୁରୁଣା କାମକୁ ସାମାନ୍ୟ ସଜାଇ ଦିଆଯାଇଛି । ଲତା ବୁଦା ସଫାକରି ମାତ୍ର ୩ଟି ସିମେଂଟ ଚେୟାର ପକା ଯାଇଛି । ଯେଉଁ ୩ଟି ସିମେଂଟ ଚେୟାର ପଡ଼ିଛି, ତାର ତଳ ଭାଗରେ ହେଉଥିବା କଂକ୍ରିଟ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରା ଯାଉଛି । ଫଳରେ ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରାୟ ୫ ଲକ୍ଷ ଟଙ୍କାର ବ୍ୟୟବରାଦରେ କେବଳ ୩ଟି ଚେୟାର ପକାଇ କିଛି ଫୁଲ କୁଣ୍ଡ ରଖି ବାକି ସମସ୍ତ ଅନୁଦାନ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ବାଟମାରଣା କରିବାକୁ ଯୋଜନା ହୋଇଥିବା ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଏଭଳି ନିମ୍ନମାନର କାର୍ଯ୍ୟ ଏବଂ ହେଉଥିବା ଆର୍ଥିକ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଚମ୍ପୁଆ ବିଡ଼ିଓ ସ୍ମୃତି ରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ ପାର୍କ କାର୍ଯ୍ୟ ଏହି ଅଳ୍ପ ଦିନ ହେଲା ଆରମ୍ଭ କରା ଯାଇଛି, ଆଗକୁ ଆହୁରି ବହୁତ କାମ ବାକି ରହିଛି, ତେବେ ହେଉଥିବା ନିମ୍ନମାନର କାମ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କହିଥିଲେ ।

# ଚରମ୍ପା ମହାବିଦ୍ୟାଳୟରେ ଏବିଭିପିର ବାଜିମାତ

ଭଦ୍ରକ,୧୫/୧୦ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ଚରମ୍ପା ମହାବିଦ୍ୟାଳୟର ନିର୍ବାଚନ ଫଳାଫଳ ଘୋଷଣା ହୋଇଛି । ସଭାପତି ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଚନ୍ଦନ ମିଶ୍ର ବିଜୁ ଛାତ୍ର ଜନତା ଦଳର ଶୁଭମ ମଲ୍ଲିକଙ୍କୁ, ସମ୍ପାଦକ ଭାବେ ଦିଲନ ଚନ୍ଦ୍ର ସାହୁ ବିଜୁ ଛାତ୍ର ଜନତା ଦଳର ଅଂଶୁମାନ ମିଶ୍ରଙ୍କୁ ପରାସ୍ତ କରିଛନ୍ତି । ସହ ସମ୍ପାଦକ ଭାବେ ସରୋଜ କୁମାର କର ବିଜୟ ଲାଭ କରିଥିବା ଜଣାପଡିଛି । ଅନ୍ୟ ପଟେ ଉପ ସଭାନେତ୍ରୀ ଭାବେ ଲୋପାମୁଦ୍ରା ମହାନ୍ତି ବିନା ପ୍ରତିଦ୍ୱନ୍ଦୀତାରେ ବିଜୟ ଲାଭ କରିଥିଲେ ।

# ବସ୍ତା ସିଷ୍ଟର ନିବେଦିତା ଇଂଲିଶ ମିଡିଅମ ସ୍କୁଲରେ ପିଟିସି ଗଠନ

ବସ୍ତା ୧୫।୧୦(ନିପ୍ର) ବସ୍ତା ସିଷ୍ଟର ନିବେଦିତା ଇଂଲିଶ ମିଡିୟମ ନର୍ସରୀ ଓ ପ୍ଲେ ସ୍କୁଲ ରେ ଅଭିଭାବକ ଓ ଶିକ୍ଷକ ମାନଙ୍କୁ ନେଇ ଏକ ଅଭିଭାବକ ଶିକ୍ଷକ ପରିଷଦ(ପିଟିସି) ଗଠନ ହୋଇଯାଇଛି । ପ୍ରିନ୍ସିପାଲ ଶ୍ରୀପତି ଚରଣ ପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମନୋନୟନ ସଭାରେ ଅଭିଭାବକମାନେ ବିଭିନ୍ନ ଶ୍ରେଣୀ ପାଇଁ ପ୍ରତିନିଧି ବାଛିଥିଲେ । ଏହି କମିଟି ଚଳିତ ଶିକ୍ଷା ବର୍ଷ ୨୦୨୬-୨୭ ରେ ସ୍କୁଲ ର ବିଭିନ୍ନ ସମସ୍ୟା, ପିଲାଙ୍କ ପାଠପଢା ସହ ପ୍ଲେ ସ୍କୁଲ ରେ କିପରି ଅଧିକ ଆକର୍ଷଣୀୟ ଶିକ୍ଷା ଦାନ କରିହେବ ତାହା ନିରୀକ୍ଷଣ କରିବ । ତା ଛଡା ଉପସ୍ଥିତ ଅଭିଭାବକ ମାନେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ସମ୍ବନ୍ଧରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଅବଗତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ର ସମ୍ପାଦକ ପ୍ରଦୀପ କୁମାର ପରିଡ଼ା, ଭାଇସ୍ ପ୍ରିନ୍ସିପାଲ ରଂଜିତା ପାଢ଼ୀ, ଶିକ୍ଷୟିତ୍ରୀ ସୈ।ମ୍ୟା ସୁଲଗ୍ନା ବାରିକ, ରୀତା ବେହେରା ଓ ସାଇଗୀତା ମାଝୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା ସମସ୍ତଙ୍କୁ ସ୍ୱାଗତ କରି ପ୍ରାରମ୍ଭିକ ଉଦବୋଧନ ଦେଇଥିଲେ ।

# ଦେବୀ କୁଷ୍ମାଣ୍ଡା ବ୍ରହ୍ମାଣ୍ଡର ସୃଷ୍ଟି କର୍ତ୍ତ୍ରୀ

ହେମନ୍ତ କୁମାର ଗନ୍ତାୟତ



ପରଂବ୍ରହ୍ମଙ୍କର ତ୍ରିଗୁଣାତ୍ମିକା ଶକ୍ତି ଅଟନ୍ତି ଯୋଗମାୟା। ଯେ ସଂସାରର କଲ୍ୟାଣ ନିମନ୍ତେ ବିବିଧ ସମୟରେ ଭିନ୍ନ ଭିନ୍ନ ରୂପକୁ ଧରି ଏ ଧରା ପୃଷ୍ଠରେ ଅବତରଣ କରିଥାନ୍ତି ଏବଂ ସେ ଭକ୍ତର ମନବାଞ୍ଛାକୁ ସାକାର କରିବା ନିମନ୍ତେ, ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ପାବନ ଶାରଦୀୟ ନବରାତ୍ର ଅବସରରେ ନବଦୁର୍ଗା ରୂପେ ଦର୍ଶନ ଦେଇ କଲ୍ୟାଣ ପ୍ରଦାନ କରନ୍ତି। ଏହି ନବଦୁର୍ଗାଙ୍କ ମଧ୍ୟରୁ ଚତୁର୍ଥ ସ୍ୱରୂପା ଅଟନ୍ତି ଦେବୀ କୁଷ୍ମାଣ୍ଡା। ମା'ଙ୍କ ରୂପ ଅତ୍ୟନ୍ତ ମନୋହାରିଣୀ ଏବଂ ଦେଦୀପ୍ୟମାନା। ଦେବୀ ଅଷ୍ଟଭୂଜା, ସେ ହସ୍ତରେ କମଣ୍ଡଳୁ-ଧନୁ-କମଳ-ଅମୃତ କଳସ-ଚକ୍ର-ଗଦା-ଜପାମାଳି ଧାରଣ କରି ସିଂହ ପୃଷ୍ଠରେ ଉପବେଶନ କରିଥାନ୍ତି । ଯାହାଙ୍କୁ ଏ ସୃଷ୍ଟିର ସାଷ୍ଟ୍ରୀ ବୋଲି କୁହାଯିବା ସହ ଆଦ୍ୟାଶକ୍ତି ମଧ୍ୟ କୁହାଯାଏ। ସେ ନିଜ ଗର୍ଭରୁ ଏହି ବ୍ରହ୍ମାଣ୍ଡକୁ ସୃଷ୍ଟି କରିଥିବା କାରଣରୁ ତା'ଙ୍କ ନାମ କୁଷ୍ମାଣ୍ଡା। ଯଦି କୁଷ୍ମାଣ୍ଡା ଶବ୍ଦର ସନ୍ଧି ବିଚ୍ଛେଦ କରାଯାଏ ତେବେ ଆମେ ଜାଣିବା ଯେ, (କ=ପୃଥିବୀ+ଉଷ୍ମନ୍= ଉଷ୍ଣ+ଅଣ୍ଡ=ଗର୍ଭ+ଆ) ଏହା ହିଁ ପ୍ରକୃତ କାରଣ। ଯେତେବେଳେ ସୃଷ୍ଟିର କୌଣସି ଅସ୍ତିତ୍ୱ ନଥିଲା ଏବଂ ଚତୁର୍ଦ୍ଦିଗରେ କେବଳ ହିଁ କେବଳ ଅନ୍ଧକାରରେ ବ୍ୟାପିଥିଲା; ସେତେବେଳେ ଦେବୀ କୁଷ୍ମାଣ୍ଡା ନିଜର ଈଷତ୍ ହାସ୍ୟ ଦ୍ୱାରା ବ୍ରହ୍ମାଣ୍ଡକୁ ରଚନା କରିଥିଲେ। କଥିତ ଅଛି ଯେ, ସାରା ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ଏବଂ ପ୍ରାଣୀଙ୍କଠାରୁ ଯେଉଁ ତେଜ ନିର୍ଗତ ହୁଏ ତାହାର ସୃଷ୍ଟି କର୍ତ୍ତ୍ରୀ ହେଉଛନ୍ତି ଏହି ଦେବୀ। ସେଭଳି ପାଣି କଖାରୁକୁ ସଂସ୍କୃତ ଭାଷାରେ କୁଷ୍ମାଣ୍ଡ ବୋଲି କୁହାଯାଏ। ମା' କୁଷ୍ମାଣ୍ଡାଙ୍କୁ ପାଣିକଖାରୁର କାନ ଝୁମୁକା ଅତ୍ୟନ୍ତ ପ୍ରିୟ ,ତେଣୁ ଭକ୍ତ ଶ୍ରଦ୍ଧା ପୂର୍ବକ ମା'ଙ୍କୁ ଅର୍ପଣ କରିଥାଏ।

ଏହି ନବରାତ୍ରର ଚତୁର୍ଥ ଦିନ ସାଧକମାନେ ପ୍ରାତଃ କାଳରେ ଶଯ୍ୟା ତ୍ୟାଗ ଏବଂ ସ୍ନାନାଦି କର୍ମ ସମାପନ ପରେ ସ୍ୱଚ୍ଛ ବସ୍ତ୍ରକୁ ପରିଧାନ କରି ମା'ଙ୍କ ସମ୍ମୁଖରେ ଦୀପ ଓ ଧୂପ ଜାଳି କଳସକୁ ପୂଜାକରନ୍ତି।ଏହାପରେ କୁଷ୍ମାଣ୍ଡାଙ୍କୁ ସବୁଜ ବା ହଳଦିଆ ରଙ୍ଗର ବସ୍ତ୍ରରେ ଭୂଷିତ କରି ବିବିଧ ସୁଗନ୍ଧିତ ଫୁଲ ଅର୍ପଣ କରିଥାନ୍ତି। ତା'ସହ ନିଜର ମନକୁ 'ଅନାହତ ଚକ୍ର'ରେ କେନ୍ଦ୍ରୀଭୂତ ରଖି ଦେବୀଙ୍କୁ ଆରାଧନା ବା ଧ୍ୟାନ କରନ୍ତି:

'ସୁରାସମ୍ପୂର୍ଣ୍ଣକଳଶଂ ରୁଧିରାପ୍ଲୁତମେବ ଚ।
ଦଧାନା ହସ୍ତପଦ୍ମାଭ୍ୟାଂ କୁଷ୍ମାଣ୍ଡା ଶୁଭଦାସ୍ତୁ ମେ ?

ତତ୍ ପରେ ମାଳପୁଆ, ହଲୱା ଏବଂ କ୍ଷୀରି ଭୋଗାଦି ମା'ଙ୍କୁ ସମର୍ପଣ କରାଯାଏ। ବିଶେଷ କରି ମାଲପୁଆ ନୈବେଦ୍ୟ ଦ୍ୱାରା ମା' ଶୀଘ୍ର ପ୍ରସନ୍ନ ହୋଇ ବୁଦ୍ଧି ଓ ଯଶ ପ୍ରଦାନ କରିଥାଆନ୍ତି।

ଏହି ଦେବୀଙ୍କ ଅନୁକମ୍ପା ହେଲେ ଭକ୍ତ ଭକ୍ତି ମାର୍ଗରେ ଅଗ୍ରଗତି ହେବା ସହ ସୂକ୍ଷ୍ମ ଅନୁଭବ ମଧ୍ୟ ପ୍ରାପ୍ତ କରିବାରେ ସକ୍ଷମ ହୋଇଥାଏ । ନିଷ୍ଠାସହକାରେ ମା'ଙ୍କୁ ଆରାଧନା କଲେ ଦେବୀ କୁଷ୍ମାଣ୍ଡା ଦୁଃସାଧ୍ୟ ରୋଗରୁ ଆରୋଗ୍ୟ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତି । ତତ୍ ସହିତ ମନୁଷ୍ୟକୁ ଇହଲୋକରେ ଓ ପରଲୋକରେ ଆନନ୍ଦ ପ୍ରଦାନ କରିଥାଆନ୍ତି। ମା' କୁଷ୍ମାଣ୍ଡାଙ୍କ ଚରିତ୍ର ଆମକୁ ଏକ ବଡ଼ ଜୀବନ ଦର୍ଶନ ଶିଖାଏ । ମା' ଯେପରି ଅନ୍ଧକାର ଭିତରେ ଏକ କ୍ଷୀଣ ହସ ଦ୍ୱାରା ସୃଷ୍ଟି ଆରମ୍ଭ କରିଥିଲେ, ସେହିପରି ମନୁଷ୍ୟ ନିଜ ଜୀବନର ସବୁଠାରୁ କଠିନ ଓ ଅନ୍ଧକାର ସମୟରେ ମଧ୍ୟ ଧୈର୍ଯ୍ୟ ଏବଂ ସାମାନ୍ୟ ପ୍ରସନ୍ନ ମୁହଁ ସହିତ ନୂତନ କାର୍ଯ୍ୟ ଆରମ୍ଭ କରିବା ଉଚିତ । ସକାରାତ୍ମକ ଚିନ୍ତାଧାରା ଓ ହସମୁଖ ଚେହେରା ବଡ଼ରୁ ବଡ଼ ସଙ୍କଟକୁ ଦୂର କରିପାରେ । ତେଣୁ ଯିଏ ନିଷ୍କପଟ ମନରେ ନବରାତ୍ରିର ଚତୁର୍ଥ ଦିବସରେ ମା'ଙ୍କ ଶରଣାପନ୍ନ ହୁଏ, ତେବେ ମା' ତା'ର ଜୀବନକୁ ସୁଖ, ଶାନ୍ତି, ସମୃଦ୍ଧି ଏବଂ ସଦବୁଦ୍ଧିରେ ଭରି ଦିଅନ୍ତି । କୁଷ୍ମାଣ୍ଡାଙ୍କର ଏହି ଭାସ୍କର ରୂପ ଜଗତର କଲ୍ୟାଣ କରୁ ଏବଂ ସମସ୍ତଙ୍କୁ ନିରୋଗ ରଖୁ, ଏହା ହିଁ ମା'ଙ୍କ ପାଦପଦ୍ମରେ ପ୍ରାର୍ଥନା ।

ବରିଷ୍ଠ ଦର୍ଶନ ଅଧ୍ୟାପକ
ଆସିକା, ଗଞ୍ଜାମ।
ମୋ: ୯୮୬୧୩୩୪୮୬୮

# ଧରାବତରଣେ ଦେବୀ

ନିରଞ୍ଜନ ସାହୁ

ଧରାବତରଣ କରୁଛନ୍ତି ଦେବୀ
ସିଂହବାହନରେ ଚଢି
ମାଆଙ୍କ ମୃଣ୍ମୟୀ ପ୍ରତିମାକୁ ଶିଳ୍ପୀ
ଦେଇଛି ନିଖୁଣ ଗଢି ।

ମଣ୍ଡପେ ମଣ୍ଡପେ ବିରାଜିବେ ଦେବୀ
ସାଜିକରି ଦଶଭୁଜା
ମହାଆଡମ୍ବରେ ପାଳନ ହୋଇବ
ଶାରଦୀୟ ଦୁର୍ଗାପୂଜା
ମହିଷାସୁରକୁ ନିଧନ କରିବେ
ସମର ଭୂମିରେ ଲଢ଼ି ।

ମାଆଙ୍କୁ ସ୍ୱାଗତ କରିବା ପାଇଁକି
ସରିଛି ପ୍ରସ୍ତୁତି ପର୍ବ
ଶୁଭ ସମୟକୁ ଅପେକ୍ଷା କରନ୍ତି
ଭକ୍ତିରେ ଭକତ ସର୍ବ
ମାତୃ ଆବାହନ କରାଯିବ ପରା
ବୈଦିକ ମନ୍ତର ପଢ଼ି ।

ମାଆଙ୍କର ମହାପୂଜା କରାଯିବ
ଶାସ୍ତ୍ରବିଧି ଅନୁସାରେ
ଚଣ୍ଡୀ ପାଠ ସାଥେ ଭୋଗରାଗ ହେବ
ଭକ୍ତିଭାବ ସହକାରେ
ମାତୃ କରୁଣାରେ ଅତି ସହଜରେ
ଆଗକୁ ପାରିବା ବଢ଼ି ।

ମାଆଙ୍କର ମେଢ଼ ବିସର୍ଜନ ହେବ
ନଦୀ, ପୁଷ୍କରିଣୀ ଯିବେ
ଭକତେ ଭସାଣି କରିବେ ନିଶ୍ଚୟ
ମାଆ ପାଶେ ରହିଥିବେ
ଜଳେ ବିସର୍ଜନ କରିଦେବା ପରେ
ଭକ୍ତେ ଯିବେ ଦୁଃଖେ ସଢ଼ି ।

+ନିହଲପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

# ଅଥୟ ସଭିଙ୍କ ମନ

ଶ୍ରୀ ରାଜ କିଶୋର ସ୍ୱାଇଁ

ଆସ ଆଦି ମାତା ଗିରିରାଜ ସୁତା
ଆସ ମାଗୋ ଦଶଭୁଜା
ଚାତକ ପରାଏ ରହିଛୁ ଅନାଇ
କରିବାକୁ ତୁମ ପୂଜା ।

ପାର୍ବଣକୁ ଧରି ଆସିଛି ଶରତ
ହସେ କେଦାର କାନନ
କାଶତଣ୍ଡୀ ଝାଡ଼େ ଧବଳ ଚାମର
ଦେଖି ତୁମ ଆଗମନ ।

ଗାଆଁ ଠୁଁ ସହର ଉତ୍ସବ ମୁଖର
ମଣ୍ଡପ ହୋଇଛି ସଜ୍ଜା
ସଭିଙ୍କ ମନରେ ଉଛୁଳେ ଆନନ୍ଦ
ନିଅନ୍ତି ପାର୍ବଣ ମଜା ।

ତ୍ରେତୟାରେ ଭାବ ଭକ୍ତିରେ ଅରପି
ପୂଜା ତୁମ ପାଦ ତଳେ
ବଧିଲେ ଶ୍ରୀରାମ ଲଙ୍କାର ରାବଣ
ମାଗୋ ତୁମ କୃପାବଳେ ।

ଶୁଣି ଦେବକୁଳ ଆକୁଳ ପ୍ରାର୍ଥନା
ମହିଷାକୁ କଲ ନାଶ
ତୁମେ ଦୟାମୟୀ ଶଙ୍କଟ ତାରିଣୀ
ଭକତିରେ ସଦା ବଶ ।

ଅଶାନ୍ତ ସଂସାରେ ତୁମ କୃପା ବିନା
ଦୁଃଖେ ହେଉ ଆମେ ଘାରି
ଲଭେ ଯେଉଁ ନର ତୁମରି ଆଶିଷ
ଦୁନିଆରୁ ଯାଏ ତରି ।

ଜନନୀ ଗୋ ତୁମ କୃପା ଲାଭ ପାଇଁ
ଅଥୟ ସଭିଙ୍କ ମନ
ପାଦ ତଳେ ତୁମ ଜୀବନକୁ ଆମେ
କରୁଅଛୁ ସମର୍ପଣ ।
ଏତିକି ମାତର କରୁଛୁ ମିନତୀ
ମାଗୋ ଜଗତ ଜନନୀ

ତୁମ କରୁଣାରୁ ଦୁର୍ଦ୍ଦିନ ଦାଉରୁ
ରକ୍ଷା ପାଉ ଏ ଧରଣୀ ।

ସା -ଶାନ୍ତିନଗର, ନୂଆପଡା ,
ପୋ -ନୂଆବଜ଼ାର ଜିଲ୍ଲା -କଟକ ,
ପିନ -୭୫୩୦୦୪
ମୋବାଇଲ -୯୪୩୭୪୪୨୦୪୧

# ମାଆ ଗୋ ଦୁର୍ଗା, ଦିଅ ଆଶୀର୍ବାଦ

ସୁବ୍ରତ କୁମାର ଦାସ



ଆସିଛି ଦଶହରା ହସଖୁସି ନେଇ,
ପୂଜିବା ମାଆଙ୍କୁ ଭକ୍ତିଭାବ ଦେଇ।
ଶରତ ଆକାଶେ ମେଘ ଭାସୁଛି,
କାଶତଣ୍ଡି ଫୁଲେ ଧରା ହସୁଛି।

ନଦୀପଠା ଦିଶେ କେଡ଼େ ସୁନ୍ଦର,
ମାଆଙ୍କ ଆଗମନେ ଧରା ମନୋହର।
ଢୋଲ ମହୁରୀର ମଧୁର ତାଳ,
ପୂଜା ଆନନ୍ଦରେ ନାଚେ ଜନମାଳ।

ନୂଆ ପୋଷାକରେ ସଜାଇ ହେବା,
ମାଆଙ୍କ ମଣ୍ଡପକୁ ଦର୍ଶନେ ଯିବା।
ଧୂପ ଦୀପ ଝୁଣାର ସୁଗନ୍ଧ ଭରିବ,
ଭକ୍ତିର ପରଶେ ହୃଦୟ ପୁରିବ।

ଦଶଭୁଜା ମାଆ ଶକ୍ତିସ୍ୱରୂପିଣୀ,
ଦୁର୍ଗତିନାଶିନୀ, ଜଗତଜନନୀ।
ମହିଷାସୁରକୁ ମାଆ ବଧ କଲେ,
ଧର୍ମରକ୍ଷା ପାଇଁ ଦୁଷ୍ଟ ସଂହାରିଲେ।

ରାବଣର ଗର୍ବ ଧୂଳିରେ ମିଶିଲା,
ଶେଷରେ ସତ୍ୟର ବିଜୟ ହେଲା।
ଅନ୍ଧାର ହଟିବ, ଆଲୋକ ଫୁଟିବ,
ସତ୍ୟର ବାର୍ତ୍ତା ହୃଦୟ ଛୁଇଁବ।

ମିଛକଥା ଛାଡ଼ି ସତ କହିବା,
ପରକୁ ନିଜର ଭାବି ଭଲ ପାଇବା।
ଈର୍ଷା କ୍ରୋଧ ମନରୁ ହଟାଇବା,
ପ୍ରେମର ପରଶେ ହୃଦୟ ଭରିବା।

ଦୁଃଖୀଙ୍କ ମୁହଁରେ ହସ ଫୁଟାଇବା,
ବିପଦରେ ପଡ଼ିଲେ ସାହାଯ୍ୟ କରିବା।
ସତ୍ୟ ଓ ନ୍ୟାୟର ପଥେ ଚାଲିବା,
ସୁନ୍ଦର ସମାଜ ଗଢ଼ି ତୋଳିବା।

ମାଆ ଗୋ ଦୁର୍ଗା, ଦିଅ ଆଶୀର୍ବାଦ,
ସଭିଙ୍କ ଜୀବନେ ଭରିଦିଅ ଆନନ୍ଦ।
ସତ୍ୟର ଜୟ ହେଉ, ଅସତ୍ୟର କ୍ଷୟ,
ସବୁରି ମନରେ ଭରୁ ପ୍ରେମର ଉଦୟ।

ସୁଖ ଶାନ୍ତିରେ ପୂରୁ ଏ ଧରା,
ହସ ଖୁସି ଭରୁ ସଂସାର ସାରା।
ମାଆଙ୍କ କୃପାରେ ହସୁ ସାରା ଜଗତ,
ଶୁଭ ଦଶହରା ଆଣୁ ସୁଖ ଅପରିମିତ।

ରାଜେନ୍ଦ୍ରପୁର,ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

# ଆଶିଷ ଦିଅ ମା'



ଡକ୍ଟର ରାଜକିଶୋର ମିଶ୍ର

*'ଯା ଦେବୀ ସର୍ବଭୂତେଷୁ
ମାତୃରୂପେଣ ସଂସ୍ଥିତା।
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋ ନମଃ।।'*

ଯେଉଁ ଦେବୀ ମାତା ରୂପରେ ସବୁ ଜୀବ ମଧ୍ୟରେ ବିଦ୍ୟମାନ ତାଙ୍କୁ ଆମର କୋଟି କୋଟି ପ୍ରଣାମ। ପବିତ୍ର ନବରାତ୍ରି ବା ଦଶହରା ଅବସରରେ ମାତୃଶକ୍ତିଙ୍କୁ ତିନୋଟି ରୂପରେ ଉପାସନା କରାଯାଏ - ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀ। ଦୁର୍ଗା ସମସ୍ତ ଦୁର୍ଗତି ନାଶ କରନ୍ତି, ଲକ୍ଷ୍ମୀ ସୁଖସମୃଦ୍ଧିରେ ଭରି ଦିଅନ୍ତି ଏବଂ ସରସ୍ୱତୀ ସର୍ବୋଚ୍ଚ ଆତ୍ମଜ୍ଞାନ ପ୍ରଦାନ କରନ୍ତି। ବିବର୍ତ୍ତନ ପ୍ରକ୍ରିୟା ହେଉଛି ପଶୁସ୍ତରରୁ ମାନବ ସ୍ତରକୁ ଉତଥିତ ହୋଇ ଶେଷରେ ମାଧବସ୍ତରକୁ ଉନ୍ନୀତ ହେବା। ଆଉ ଏହି ତିନି ଦେବୀଙ୍କର ଉପାସନା ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଦିଷ୍ଟ।

ଏ ଦେଶରେ ସମସ୍ତ ଧର୍ମଗ୍ରନ୍ଥ ବେଦ, ଉପନିଷଦ, ପୁରାଣ ଆଦିରେ ଶକ୍ତିର ମହିମା ପ୍ରକଟିତ। ଦେଶର ପ୍ରତିପ୍ରାନ୍ତ ଗୁଞ୍ଜରିତ ମାତୃସ୍ତୁତିରେ - 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ।।' ମାତୃ ଭକ୍ତରେ ହୃଦୟ ଗଦ ଗଦ ହୋଇ ଉଠେ। ପ୍ରାଣରେ ମାତୃ ମହିମାର ପୁଣ୍ୟ ଜାହ୍ନବୀ ପ୍ଳାବିତ ହୁଏ। ଏହା ହିଁ ଦୁର୍ଗାଙ୍କର ଆଧ୍ୟାତ୍ମିକ ଉପାସନା। ଜନନୀର ପୂତ-ପବିତ୍ର ଚରଣାରବିନ୍ଦରେ ମନମନୁ ଚଇତନକୁ ଏକୀଭୂତ କରି ସନ୍ତାନ ନିବେଦନ କରେ ହୃଦୟର ଭକ୍ତି ଅର୍ଘ୍ୟ। କାନ୍ତ ଶାନ୍ତ ମନୋଜ୍ଞ ବାତାବରଣରେ। ମା' ଦୁର୍ଗାଙ୍କର ନ'ଗୋଟି ନାମକରଣ କରିଛନ୍ତି ସୃଷ୍ଟିକର୍ତ୍ତା ବ୍ରହ୍ମା। ନଅଟି ନାମରେ ନଅଟି ରୂପଭେଦ ଓ ଭାବ ଭେଦ ଅଛି। ଏ ସବୁ ହେଲା ଦେବୀଙ୍କର ନଅଗୋଟି କାୟବ୍ୟୁହ ମୂର୍ତ୍ତି। ଦେବୀ ନବଦୁର୍ଗା ନାମରେ ଖ୍ୟାତ। ଦେବୀ କବଚ ସ୍ତୋତ୍ରରେ କୁହାଯାଇଛି - 'ପ୍ରଥମଂ ଶୈଳ ପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ର ଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍।। ପଞ୍ଚମସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟିନୀ ତଥା, ସପ୍ତମ କାଳରାତ୍ରେତି ମହାଗୌରୀତି ଚାଷ୍ଟମମ୍।। ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗାଃ ପ୍ରକୀର୍ତ୍ତିତାଃ।।' ଶରତ ସ୍ୱଚ୍ଛ ଆକାଶ, ଧରଣୀରେ କାଶତଣ୍ଡୀର ସମ୍ଭାର, ଚତୁର୍ଦ୍ଦିଗେ ନିର୍ମଳ ସୌନ୍ଦର୍ଯ୍ୟର ନିଷ୍ପାପ ରାଜୁତି।

ପ୍ରକୃତି ଯାହାର ଆରାଧନା ପାଇଁ ନିଜକୁ ମଣ୍ଡିତ କରିଛି - ସେହି ଜଗଜ୍ଜନନୀ ମା'ଦୁର୍ଗା ଧରାବତରଣ କରୁଛନ୍ତି। ଏ ସମୟ ମାତୃ ଆରାଧନାର ବେଳ। ହେ ମା' ଶକ୍ତିସ୍ୱରୂପା, ଅବତରି ଆସ। ଶକ୍ତି ସହ ଦୟା, କ୍ଷମା, ଶାନ୍ତି, କାନ୍ତିରେ ମଣିଷକୁ ବିମଣ୍ଡିତ କର। ମଣିଷର ସମଗ୍ର ଜୀବନ ନିରବଚ୍ଛିନ୍ନ ମାତୃପୂଜାରେ ପରିଣତ ହେଉ। ହେ ପରଂବ୍ରହ୍ମ ସ୍ୱରୂପିଣି ତୁମକୁ କୋଟି କୋଟି ନମସ୍କାର। ଆସ ମା', ଆମ ହୃଦୟ କନ୍ଦରରେ ବିରାଜମାନ କର। ତୁମକୁ ଶ୍ରଦ୍ଧା, ଭକ୍ତିର ଡୋରରେ ବାନ୍ଧି ରଖିବୁ। ମାନବ ଜଗତର ଉତ୍ଥାନ ପାଇଁ ଏକମାତ୍ର ମାତୃ ଆଶୀର୍ବାଦକୁ ଅପେକ୍ଷା। କୃପା କର କୃପାମୟୀ, ତୁମ କରୁଣାର ସ୍ପର୍ଶରେ ସଙ୍କଟ ସୌନ୍ଦର୍ଯ୍ୟରେ ପରିସ୍ଫୁଟନ ହେଉ, ନିରାଶାର ଘୋର ତମସାକୁ ଦୂର କରି ପ୍ରବେଶ କରୁ ଆଶାର ଉଜ୍ଜ୍ୱଳ ଆଲୋକ। ପୃଥିବୀରେ ପ୍ରତିଷ୍ଠା ହେଉ ସବୁଜ ଶାନ୍ତି, ନିର୍ମଳ ପବନର ହିଲ୍ଲୋଳ, ଗମ୍ଭୀର ସାଗର କରୁ ସ୍ୱାଗତ। ଦୂରେଇ ଯାଉ କ୍ଷୁଧା, ତୃଷ୍ଣା, ଅନାହାରର ଅସ୍ୱୀକୃତ ସ୍ଥିତି, ଯୁଦ୍ଧର ଘଟଘଟା ଝାଞ୍ଜି ଯାଇ ଶାନ୍ତି ଆସୁ। ଜୀବନ ସାର୍ଥକ ହେଉ, ଚେତନାର ବିକାଶ ଘଟୁ,



ଦିବ୍ୟତ୍ୱର ଆବାହନରେ ଆମଣ୍ଡିତ ହେଉ ମଣିଷ ମନ ଓ ମସ୍ତିଷ୍କ। ଆସ ମା' ଏ ଜୀବନହେଉ ଅସରନ୍ତି ଆବାହନର ଆଶ୍ୱିନ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ
ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ,
କଟକ,
ମୋ : ୭୦୦୮୧୮୧୮୨୦

# ମାତୃତ୍ୱର ଅବଧାରଣ ଓ ପ୍ରସବ ବେଦନା

ବୈଷ୍ଣବ ମେହେର

ବିଶ୍ୱ ସାହିତ୍ୟର ଅନ୍ୟତମ ପ୍ରସିଦ୍ଧ ଲେଖକ ଲିଓ ଟଲଷ୍ଟୟ ନିଜ କୃତିରେ ଜଣେ ନାରୀର ପ୍ରସବ ବେଦନାକୁ ତାର ଧୈର୍ଯ୍ୟ, ସମର୍ପଣ ଓ ପ୍ରେମାଭାବର ପ୍ରତୀକ ଭାବରେ ଚିତ୍ରଣ କରିଛନ୍ତି। ଯାହା ପୁରୁଷ ପ୍ରଧାନ ସମାଜରେ ନାରୀର ସ୍ଥାନକୁ ସ୍ୱତନ୍ତ୍ର ମର୍ଯ୍ୟଦା ଦେଇ ଆସିଛି । ପୁଣି ଟଲଷ୍ଟୟ ପ୍ରସବ ବେଦନାକୁ କ୍ୱେଳ ଯନ୍ତ୍ରଣାଦାୟକ ପ୍ରକ୍ରିୟା ଭାବରେ ନଦେଖି, ଏହାକୁ ପ୍ରକୃତିର ନିୟମ ସହ ନାରୀର ତ୍ୟାଗ ଓ ସୃଜନଶୀଳତାର ଅବଧାରଣ ମନେକରନ୍ତି । ବାସ୍ତବରେ ଲେଖକଙ୍କ ଏତାଦୃଶ ଚିନ୍ତାଧାରା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । କାରଣ ପ୍ରସବ ବେଦନା ପରେ କେବଳ ଶିଶୁଟିଏ ଜନ୍ମ ନିଏ ନାହିଁ, ଏଥିସହ ମାଆଟିଏ ମଧ୍ୟ ଜନ୍ମ ଲାଭ କରେ । ଏହି ମାତୃତ୍ୱ ହିଁ ଜଣେ ନାରୀକୁ ପୂର୍ଣ୍ଣତା ଆଣିଦେଇଥାଏ । ଦୁନିଆର ସବୁଠୁ ମିଠା ଡାକ ମାଆ ଶବ୍ଦ ଶୁଣିବାର ଅବସର ପ୍ରଦାନ କରେ। ସେଥିପାଇଁ ତ ନବଜାତର ପ୍ରଥମ କାନ୍ଦଣା ଶୁଣିବା କ୍ଷଣି ଅସହ୍ୟ ପ୍ରସବ ବେଦନାକୁ ବି ଭୁଲିଯାଏ ମାଆ ।

ଚିକିତ୍ସା ବିଜ୍ଞାନର ଉନ୍ନତି ସହ ଏବେ ଆଉ ପ୍ରସବ ବେଦନା ଆବଶ୍ୟମ୍ଭୀ ହୋଇ ରହିନାହିଁ। ଅସ୍ତ୍ରୋପଚାର ପ୍ରସବ ଦ୍ୱାରା ବେଦନା ପୂର୍ବରୁ ହିଁ ନବଜାତର ଭୂମିଷ୍ଠ କରାଯାଉଛି । ଫଳରେ କହିବାକୁ ଗଲେ ଆଧୁନିକ ଜୀବନରେ ପ୍ରସବ ଯନ୍ତ୍ରଣା ଧୀରେଧୀରେ ଉଭାନ ହେବାରେ ଲାଗିଛି। ଦିନଥିଲା ନଅ ମାସ ପୁରି ଆସିଲେ ଗର୍ଭବତୀଙ୍କ ପରିବାରରେ ଅଜଣା ଭୟ ମିଶା ରୋମାଞ୍ଚ ଖେଳି ଯାଉଥିଲା । ପ୍ରସବ ବେଦନା ସମୟରେ ମାଆର ଯତ୍ନ କିପରି ସଠିକ ଢଙ୍ଗରେ ନିଆଯିବ ସେନେଇ ପୁରା ପରିବାର ଢେର ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରି ଦେଉଥିଲେ । କିନ୍ତୁ ବର୍ତ୍ତମାନ ନିରାପଦ ମାତୃତ୍ୱ ଆଶାରେ ହେଉ କିମ୍ବା ସହଜ ଓ ସୁବିଧା ଦୃଷ୍ଟିରୁ ହେଉ ପ୍ରାୟ ସମସ୍ତେ ସିଜରୀଆନ ଡେଲିଭରି ବା ଅସ୍ତ୍ରୋପଚାର ପ୍ରସବକୁ ଗୁରୁତ୍ୱ ଦେଲେଣି ।



ଏକ ତଥ୍ୟ ଅନୁଯାୟୀ ୨୦୨୨-୨୩ ବର୍ଷରେ ଓଡ଼ିଶାର ଘରୋଇ ଡାକ୍ତରଖାନା ମାନଙ୍କରେ ହୋଇଥିବା ୧ ଲକ୍ଷ ୨୯ ହଜାର ୮୮ ପ୍ରସବ ମଧ୍ୟରୁ ୭୭. ୪୬ ପ୍ରତିଶତ ଅର୍ଥାତ ୯୯ ହଜାର ୯୯୮ ଟି ଅସ୍ତ୍ରୋପଚାର ଜନିତ ପ୍ରସବ ଥିଲା । ସେହିବର୍ଷ ସରକାରୀ ଡାକ୍ତରଖାନାରେ ହୋଇଥିବା ୬ ଲକ୍ଷ ୭୪୦ ଟି ପ୍ରସବ ମଧ୍ୟରୁ ୩୦. ୫୩ ପ୍ରତିଶତ ଅର୍ଥାତ ୧ ଲକ୍ଷ ୮୩ ହଜାର ୪୪୩ଟି ଶିଶୁ ଅସ୍ତ୍ରୋପଚାରରୁ ଜନ୍ମଲାଭ କରିଥିଲେ । ସେହିପରି ୨୦୨୩-୨୪ ବର୍ଷରେ ଘରୋଇ ଡାକ୍ତରଖାନାରେ ୧ଲକ୍ଷ ୪୦ ହଜାର ୧୨୬ ଟି ପ୍ରସବ ହୋଇଥିବା ବେଳେ ସେଥିମଧ୍ୟରୁ ୮୧. ୦୬ ପ୍ରତିଶତ ଅର୍ଥାତ ୧ ଲକ୍ଷ ୧୩ ହଜାର ୫୯୮ ଟି ଅସ୍ତ୍ରୋପଚାର ମାଧମରେ ସଂଘଠିତ ହୋଇଛି । ଠିକ ସେହିବର୍ଷ ସରକାରୀ ଡାକ୍ତରଖାନା ମାନଙ୍କରେ ୫ ଲକ୍ଷ ୯୧ ହଜାର ୧୮୫ ଟି ପ୍ରସବ ହୋଇଥିବା ବେଳେ ସେଥିମଧ୍ୟରୁ ୩୩. ୦୮ ପ୍ରତିଶତ ଅର୍ଥାତ ୧ ଲକ୍ଷ ୯୫ ହଜାର ୫୭୮ ଟି ଅସ୍ତ୍ରୋପଚାରଜନିତ ପ୍ରସବ ଥିଲା । ଅପରପକ୍ଷେ ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ସର୍ଭେ ରିପୋର୍ଟ ଅନୁଯାୟୀ ଭାରତରେ ଅସ୍ତ୍ରୋପଚାରଜନିତ ପ୍ରସବ ହାର ଦିନକୁ ଦିନ ବଢ଼ିବାରେ ଲାଗିଛି । ୨୦୦୫-୦୬ରେ ଏହି ହାର ୮. ୫ ପ୍ରତିଶତ ରହିଥିବା ବେଳେ ୨୦୧୫-୧୬ରେ ୧୭. ୨ ପ୍ରତିଶତ ଓ ଗତ ୨୦୨୦-୨୧ରେ ଏହା ୨୧. ୫ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଚିକିତ୍ସାବିଜ୍ଞାନୀଙ୍କ ମତ ଅନୁଯାଇ ମାଆ ଓ ନବଜାତର ଉତ୍ତମ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଜରୁରୀ ନହେଲେ ଅସ୍ତ୍ରୋପଚାର ଜନିତ ପ୍ରସବ କରିବା ଆଦୌ ଉଚିତ ନୁହେଁ । କିନ୍ତୁ ବର୍ତ୍ତମାନର ସୁବିଧାବାଦୀ ମଣିଷ ଭବିଷ୍ୟତର ଚିନ୍ତା ନକରି ବର୍ତ୍ତମାନ ସର୍ବସ୍ୱ ହୋଇ ପଡିବା, ପରବର୍ତୀ ସମୟରେ ବିପଦକୁ ଆହ୍ୱାନ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

ହଁ ଏହା ସତ ଯେ ପରିବର୍ତ୍ତିତ ଜୀବନ ଶୈଳୀ ମଣିଷର ଶରୀରର ସନ୍ତୁଳନକୁ ଗୋଟାପଣେ ବଦଳାଇ ଦେଇଛି। ଖରାପ ଖାଦ୍ୟ, ପାନୀୟ, ଅନିଦ୍ରା, ଶାରୀରିକ ପରିଶ୍ରମର ଅଭାବ, ଚାପଗ୍ରସ୍ତ ଜୀବନ, ଅତିମାତ୍ରାରେ ସୋସିଆଲ ମେଡ଼ିଅର ବ୍ୟବହାର ପାଇଁ ଆଗଭଳି ସ୍ୱାଭାବିକ ପ୍ରସବ ଧୀରେଧୀରେ କମିବାରେ ଲାଗିଛି। ଏତତବ୍ୟତିତ ମଣିଷ ଏବେ ଧୈର୍ଯ୍ୟଚ୍ୟୁତ ହୋଇପଡୁଛି, ଆଗଭଳି ଯନ୍ତ୍ରଣା ସହିବାକୁ ଚାହୁଁନାହିଁ । ତେଣୁ ନିର୍ଦ୍ଧିଷ୍ଟ ସମୟ ଯାଏଁ ଅପେକ୍ଷା କରିବାର କ୍ଷୁ ଅନେକାଂଶରେ ହରାଇ ବସିଛି। ସବୁଠାରୁ ଚିନ୍ତାର ବିଷୟ ଯେ ଆଧୁନିକତା ଯେତେ ଆଗକୁ ବଢ଼ିବାରେ ଲାଗିଛି ମଣିଷ ସେତିକି ଅନ୍ଧବିଶ୍ୱାସର ବଶବର୍ତ୍ତୀ ମଧ୍ୟ ହୋଇଚାଲିଛି । ପ୍ରସବରେ ମଧ୍ୟ ଅନ୍ଧବିଶ୍ୱାସର ଗନ୍ଧ ସେତେବେଳେ ବାରି ହୋଇପଡୁଛି ଯେତେବେଳେ ଶୁଭଦିନ, ବାର, ମୁହୂର୍ତ୍ତ ଓ ଗ୍ରହ ନକ୍ଷତ୍ରଙ୍କ ଚଳନ କିମ୍ବା ପରିବାରରେ ଆଗକୁ ହେବାକୁ ଥିବା ସାମାଜିକ, ମାଙ୍ଗଳିକ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ନିଜ ସୁବିଧା ଅନୁଯାଇ ଅସ୍ତ୍ରୋପଚାର ମାଧମରେ ଅନେକ ଆଗତୁରା ପ୍ରସବ କରାଇନେଉଛନ୍ତି । କିଛି ଘରୋଇ ଡାକ୍ତରଖାନା ମାନଙ୍କର ଅର୍ଥ ଶୋଷଣ ନୀତି ମଧ୍ୟ ଅସ୍ତ୍ରୋପଚାର ପ୍ରସବକୁ ବଢ଼ାଇ ଦେଉଛି ବୋଲି କହିବାକୁ ହେବ। ସବୁରି ଭିତରେ କିନ୍ତୁ ଏକଥା ଭୁଲିଯିବା ନାହିଁ ଯେ ଜଣେ ମାଆର ଶରୀର ପ୍ରାକୃତିକ ପ୍ରସବ ପାଇଁ ହିଁ ତିଆରି ହୋଇଛି । ତେଣୁ ସ୍ୱଭାବିକ ପ୍ରସବରେ ହିଁ ରହିଛି ମାତୃତ୍ୱର ପ୍ରକୃତ ଉପଲବ୍ଧି ।

+ ସିନାପାଲି, ନୂଆପଡା
ମୋ: ୯୭୭୭୭୫୩୯୩୫

# ସମୟର ନୂଆ ଗଣିତ: ଲିପ୍ ସେକେଣ୍ଡରୁ ଲିପ୍ ଆୱାର

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସମୟର ମାପକୁ ନେଇ ଏକ ଐତିହାସିକ ତଥା ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି । ଅକ୍ଟୋବର ୧୫, ୨୦୨୬ ତାରିଖରେ ଫ୍ରାନ୍ସର ଭର୍ସାଇଲ୍ସ ଠାରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ୍ ବ୍ୟୁରୋ ଅଫ୍ ୱେଟସ୍ ଆଣ୍ଡ ମେଜର୍ସ (ବିଆଇପିଏମ୍) ର ସମ୍ମିଳନୀରେ ୬୯ଟି ଦେଶର ପ୍ରତିନିଧିମାନେ ଏକତ୍ରିତ ହୋଇ ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଚାଲିଆସୁଥିବା 'ଲିପ୍ ସେକେଣ୍ଡ' ବା ଅଧି-ସେକେଣ୍ଡ ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଏହି ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ, ଆଗାମୀ ଦିନରେ ଲିପ୍ ସେକେଣ୍ଡ ପରିବର୍ତ୍ତେ 'ଲିପ୍ ଆୱାର' ବା ଅଧି-ଘଣ୍ଟା ବ୍ୟବସ୍ଥାକୁ ଗ୍ରହଣ କରାଯିବ । ଦୀର୍ଘ ତିନି ଦଶନ୍ଧି ଧରି ବୈଜ୍ଞାନିକ, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଏବଂ ସମୟ ନିର୍ଦ୍ଧାରଣକାରୀ ସଂସ୍ଥାମାନଙ୍କ ମଧ୍ୟରେ ଲାଗି ରହିଥିବା ବିତର୍କର ଏହା ହେଉଛି ଏକ ଚୂଡ଼ାନ୍ତ ପରିଣାମ । ସାଧାରଣ ମଣିଷ ପାଇଁ ନିଜ ଘଣ୍ଟାରେ ଗୋଟିଏ ସେକେଣ୍ଡର ଏପଟ ସେପଟ ହେବା ବୋଧହୁଏ କୌଣସି ବଡ଼ କଥା ନୁହେଁ, କିନ୍ତୁ ଆମର ଆଧୁନିକ ଡିଜିଟାଲ୍ ଭିତ୍ତିଭୂମି, ଟେଲି-ଯୋଗାଯୋଗ ବ୍ୟବସ୍ଥା ଏବଂ ବିଶ୍ୱ ଅର୍ଥନୀତି ପାଇଁ ଏହି ଗୋଟିଏ ସେକେଣ୍ଡର ମୂଲ୍ୟ ଅକଳନୀୟ ଅଟେ । ଏହି ପରିପ୍ରେକ୍ଷୀରେ ଏହା ବିଶ୍ଳେଷଣ କରିବା ନିତାନ୍ତ ଆବଶ୍ୟକ ଯେ କାହିଁକି ଏହି ଲିପ୍ ସେକେଣ୍ଡ ବ୍ୟବସ୍ଥାକୁ ବାତିଲ କରାଗଲା ଏବଂ ନୂତନ ଲିପ୍ ଆୱାର ବ୍ୟବସ୍ଥା କିପରି ଭବିଷ୍ୟତର ବୈଷୟିକ ଦୁନିଆକୁ ଏକ ସମ୍ଭାବ୍ୟ ବିପର ?୍ୟୟରୁ ରକ୍ଷା କରିପାରିବ ।

ସମୟର ଏହି ଜଟିଳ ଗଣିତକୁ ବୁଝିବାକୁ ହେଲେ ଆମକୁ ପ୍ରଥମେ ସମୟ ମାପର ଦୁଇଟି ଭିନ୍ନ ପଦ୍ଧତି ବିଷୟରେ ଜାଣିବାକୁ ହେବ । ଗୋଟିଏ ହେଉଛି ଆଷ୍ଟ୍ରୋନୋମିକାଲ୍ ଟାଇମ୍ ବା ମହାଜାଗତିକ ସମୟ, ଯାହା ପୃଥିବୀର ନିଜ ଅକ୍ଷ ଚାରିପଟେ ଆବର୍ତ୍ତନ ଉପରେ ନିର୍ଭରଶୀଳ ଏବଂ ଅନ୍ୟଟି ହେଉଛି ଇଣ୍ଟରନ୍ୟାସନାଲ୍ ଆଟୋମିକ୍ ଟାଇମ୍ (ଟିଏଆଇ), ଯାହା ଅତ୍ୟନ୍ତ ନିର୍ଭୁଲ ପରମାଣୁ ଘଣ୍ଟା ବା ଆଟୋମିକ୍ କ୍ଲକ୍ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ପାରମ୍ପରିକ ଭାବରେ ଆମେ ମାନିଥାଉ ଯେ ପୃଥିବୀ ନିଜ ଅକ୍ଷ ଚାରିପଟେ ଥରେ ଘୂରିବା ପାଇଁ ଠିକ୍ ୨୪ ଘଣ୍ଟା ବା ୮୬,୪୦୦ ସେକେଣ୍ଡ ସମୟ ନେଇଥାଏ । କିନ୍ତୁ ବାସ୍ତବରେ ପୃଥିବୀର ଘୂର୍ଣ୍ଣନ ଗତି ସମ୍ପୂର୍ଣ୍ଣ ସ୍ଥିର ନୁହେଁ । ଅନ୍ୟପକ୍ଷରେ, ୧୯୬୦ ଦଶକରେ ଉଦ୍ଭାବିତ ସିଜିୟମ୍ ପରମାଣୁ ଘଣ୍ଟାଗୁଡ଼ିକ ଏତେ ନିର୍ଭୁଲ ଯେ ସେଗୁଡ଼ିକ ଲକ୍ଷ ଲକ୍ଷ ବର୍ଷ ପର୍ଯ୍ୟନ୍ତ ଗୋଟିଏ ସେକେଣ୍ଡ ମଧ୍ୟ ଭୁଲ୍ କରନ୍ତି ନାହିଁ । ଏହି ଦୁଇଟି ସମୟ ମାପ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ୧୯୭୨ ମସିହାରେ କୋଅର୍ଡିନେଟେଡ୍ ୟୁନିଭର୍ସାଲ୍ ଟାଇମ୍ (ୟୁଟିସି) ବ୍ୟବସ୍ଥା ଲାଗୁ କରାଯାଇଥିଲା । ନିୟମ ଅନୁଯାୟୀ, ଯେତେବେଳେ ପରମାଣୁ ଘଣ୍ଟା ଏବଂ ପୃଥିବୀର ଘୂର୍ଣ୍ଣନ ଜନିତ ସମୟ ମଧ୍ୟରେ ପାର୍ଥକ୍ୟ ୦.୯ ସେକେଣ୍ଡରୁ ଅଧିକ ହୋଇଯାଏ, ସେତେବେଳେ ୟୁଟିସିରେ ଗୋଟିଏ 'ଲିପ୍ ସେକେଣ୍ଡ' ଯୋଡ଼ି ଦିଆଯାଏ । ଏହି ବ୍ୟବସ୍ଥା ଆରମ୍ଭ ହେବା ଦିନଠାରୁ ଅର୍ଥାତ୍ ୧୯୭୨ ମସିହାରୁ ଆଜି ପର୍ଯ୍ୟନ୍ତ ମୋଟ ୨୭ ଥର ଲିପ୍ ସେକେଣ୍ଡ ଯୋଡ଼ାଯାଇଛି, ଯାହାର ସର୍ବଶେଷ ପ୍ରୟୋଗ ଡିସେମ୍ବର ୩୧, ୨୦୧୬ ରେ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଆଣବିକ ସମୟ ଏବଂ ୟୁଟିସି ମଧ୍ୟରେ ପ୍ରାୟ ୩୭ ସେକେଣ୍ଡର ପାର୍ଥକ୍ୟ ରହିଛି ।

ପୃଥିବୀର ଘୂର୍ଣ୍ଣନ ଗତିରେ ଦେଖାଦେଉଥିବା ଏହି ପରିବର୍ତ୍ତନର ବୈଜ୍ଞାନିକ କାରଣଗୁଡ଼ିକୁ ବିଶ୍ଳେଷଣ କଲେ ଅନେକ ତଥ୍ୟ ସାମ୍ନାକୁ ଆସିଥାଏ । ଦୀର୍ଘକାଳୀନ ହିସାବରେ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ସମୁଦ୍ରରେ ସୃଷ୍ଟି ହେଉଥିବା ଜୁଆର ଭଟ୍ଟା ପୃଥିବୀର ଘୂର୍ଣ୍ଣନକୁ ଧୀର କରିଦେଇଥାଏ, ଯାହା ଫଳରେ ପ୍ରତି ଶତାବ୍ଦୀରେ ଗୋଟିଏ ଦିନର ଲମ୍ବ ପ୍ରାୟ ୧.୮ ମିଲିସେକେଣ୍ଡ ବୃଦ୍ଧି ପାଇଥାଏ । ଏହି କାରଣରୁ ହିଁ ଅତୀତରେ ବାରମ୍ବାର ଲିପ୍ ସେକେଣ୍ଡ ଯୋଡ଼ିବାର ଆବଶ୍ୟକତା ପଡ଼ିଥିଲା । କିନ୍ତୁ ବିଗତ କିଛି ବର୍ଷ ହେବ, ବିଶେଷ କରି ଜଳବାୟୁ ପରିବର୍ତ୍ତନ କାରଣରୁ ମେରୁ ଅଞ୍ଚଳରେ ଜମାଟ ବାନ୍ଧି ରହିଥିବା ବିଶାଳ ବରଫ ଖଣ୍ଡଗୁଡ଼ିକ ଦ୍ରୁତ ଗତିରେ ତରଳିବାରେ ଲାଗିଛି । ବରଫ ତରଳିବା ଫଳରେ ପୃଥିବୀର ମେରୁ ଅଞ୍ଚଳରୁ ବସ୍ତୁତ୍ୱ କମିଯାଇ ବିଷୁବମଣ୍ଡଳୀୟ ଅଞ୍ଚଳ ଆଡ଼କୁ ବିସ୍ତାରିତ ହେଉଛି । ଏହା ସହିତ ପୃଥିବୀର ଆଭ୍ୟନ୍ତରୀଣ କେନ୍ଦ୍ର ବା କୋରରେ ଥିବା ତରଳ ପଦାର୍ଥର ଗତିବିଧିରେ ମଧ୍ୟ ପରିବର୍ତ୍ତନ ଆସୁଛି । ପଦାର୍ଥ ବିଜ୍ଞାନର ନିୟମ ଅନୁଯାୟୀ ଏହି ସବୁ ଭୌଗୋଳିକ ଏବଂ ପରିବେଶଗତ ପରିବର୍ତ୍ତନ ପୃଥିବୀର ଘୂର୍ଣ୍ଣନ ଗତିକୁ ଅପ୍ରତ୍ୟାଶିତ ଭାବରେ ପ୍ରଭାବିତ କରୁଛି । ଉଦାହରଣସ୍ୱରୂପ, ୨୦୨୦ ମସିହା ପରଠାରୁ ପୃଥିବୀ ନିଜର ଗତି ବୃଦ୍ଧି କରିଥିବାର ବୈଜ୍ଞାନିକମାନେ ଲକ୍ଷ୍ୟ କରିଛନ୍ତି । ଏହାର ଅର୍ଥ ହେଲା ପୃଥିବୀ ବର୍ତ୍ତମାନ ନିଜର ଗୋଟିଏ ଆବର୍ତ୍ତନ ୨୪ ଘଣ୍ଟାରୁ କମ୍ ସମୟରେ ଶେଷ କରୁଛି। ଏହି ଘଟଣା ସମୟ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଦେଇଥିଲା, କାରଣ ଯଦି ପୃଥିବୀ ନିଜର ଗତି ଏହିପରି ବଢ଼ାଇଚାଲେ, ତେବେ ଭବିଷ୍ୟତରେ ସମୟ ସହ ତାଳ ଦେବାକୁ ଯାଇ ଏକ ଅଭୂତପୂର୍ବ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ ।

ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ଯଦି ଏହି ଲିପ୍ ସେକେଣ୍ଡ ବ୍ୟବସ୍ଥା ଅଧ ଶତାବ୍ଦୀ ଧରି ସୁରୁଖୁରୁରେ ଚାଲିଆସୁଥିଲା, ତେବେ ହଠାତ୍ ଏହାକୁ ବନ୍ଦ କରିବାର ଜରୁରୀ ଆବଶ୍ୟକତା କାହିଁକି ପଡ଼ିଲା ତାହା ବିଚାରଯୋଗ୍ୟ ଅଟେ । ଏହାର ମୁଖ୍ୟ କାରଣ ହେଉଛି ଆମର ବଢୁଥିବା ବୈଷୟିକ ନିର୍ଭରଶୀଳତା ଏବଂ ଡିଜିଟାଲ୍ ଭିତ୍ତିଭୂମିର ସମ୍ବେଦନଶୀଳତା। ୧୯୭୨ ମସିହାରେ ଇଣ୍ଟରନେଟ୍, ସାଟେଲାଇଟ୍ ନେଭିଗେସନ୍ କିମ୍ବା ଗ୍ଲୋବାଲ୍ ଫାଇନାନ୍ସିଆଲ୍ ମାର୍କେଟ୍ ଭଳି ଜଟିଳ ବ୍ୟବସ୍ଥା ନଥିଲା । ଆଜିର ଡିଜିଟାଲ୍ ଦୁନିଆରେ କମ୍ପ୍ୟୁଟର ସିଷ୍ଟମ୍ ଏବଂ ସର୍ଭରଗୁଡ଼ିକ ମାଇକ୍ରୋସେକେଣ୍ଡ୍ ଏବଂ ନାନୋସେକେଣ୍ଡ୍ ସ୍ତରରେ ସମୟକୁ ହିସାବ କରୁଛନ୍ତି । ସାଧାରଣତଃ କମ୍ପ୍ୟୁଟର ପ୍ରୋଗ୍ରାମଗୁଡ଼ିକ ଏହି ଧାରଣା ଉପରେ ଆଧାରିତ ଯେ ପ୍ରତ୍ୟେକ ମିନିଟରେ ଠିକ୍ ୬୦ ସେକେଣ୍ଡ ଥାଏ । କିନ୍ତୁ ଯେତେବେଳେ ଏକ ଲିପ୍ ସେକେଣ୍ଡ ଯୋଡ଼ାଯାଏ, ସେତେବେଳେ ସେହି ନିର୍ଦ୍ଦିଷ୍ଟ ମିନିଟଟି ୬୧ ସେକେଣ୍ଡର ହୋଇଯାଏ ଏବଂ ଘଣ୍ଟାରେ ସମୟ ୨୩:୫୯:୬୦ ପ୍ରଦର୍ଶିତ ହୁଏ । ଏହି ଗୋଟିଏ ଅତିରିକ୍ତ ସେକେଣ୍ଡ କମ୍ପ୍ୟୁଟର ସଫ୍ଟୱେର୍ ପାଇଁ ଏକ ଅବୋଧ ପ୍ରହେଳିକା ସୃଷ୍ଟି କରେ । ଫଳସ୍ୱରୂପ, ସିଷ୍ଟମ୍ କ୍ରାସ୍ ହେବା, ଡାଟାବେସ୍ ତ୍ରୁଟିପୂର୍ଣ୍ଣ ହେବା ଏବଂ ନେଟୱର୍କ ସିଙ୍କ୍ରୋନାଇଜେସନ୍ ବିଫଳ ହେବା ଭଳି ଗମ୍ଭୀର ସମସ୍ୟାମାନ ଉପୁଜିଥାଏ । ଆମେରିକାର ଷ୍ଟକ୍ ଏକ୍ସଚେଞ୍ଜ ଠାରୁ ଆରମ୍ଭ କରି ସାଧାରଣ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ପର ?୍ୟନ୍ତ ସବୁକିଛି ନେଟୱର୍କ ଟାଇମ୍ ପ୍ରୋଟୋକଲ୍ ମାଧ୍ୟମରେ ସିଙ୍କ୍ରୋନାଇଜ୍ ହୋଇଥାଏ । ଅତୀତରେ ରେଡ୍ଡିଟ୍, କ୍ଲାଉଡ୍‌ଫ୍ଲେୟାର୍ ଏବଂ ଅନେକ ବଡ଼ ବଡ଼ ବିମାନ ଚଳାଚଳ କମ୍ପାନୀର ୱେବସାଇଟ୍ ଏହି ଲିପ୍ ସେକେଣ୍ଡ ଯୋଗୁଁ ଅଚଳ ହୋଇପଡ଼ିଥିବାର ନଜିର ରହିଛି । ୨୦୧୨ ମସିହାରେ ଯେତେବେଳେ ଏକ ଲିପ୍ ସେକେଣ୍ଡ ଯୋଡ଼ାଯାଇଥିଲା, ସେତେବେଳେ ଅଷ୍ଟ୍ରେଲିଆର କ୍ୱାଣ୍ଟାସ୍ ଏୟାରଲାଇନ୍ସର କମ୍ପ୍ୟୁଟର ସିଷ୍ଟମ୍ କ୍ରାସ୍ ହୋଇଯାଇଥିଲା, ଯାହା ଫଳରେ ଶତାଧିକ ବିମାନ ଉଡ଼ାଣରେ ବିଳମ୍ବ ଘଟିଥିଲା । ଗୁଗୁଲ୍, ମେଟା ଏବଂ ଆମାଜନ୍ ଭଳି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଦିଗ୍ଗଜ କମ୍ପାନୀମାନେ ଏହି ବିପଦକୁ ଏଡ଼ାଇବା ପାଇଁ 'ଲିପ୍ ସ୍ମିୟରିଂ' ନାମକ ଏକ କୌଶଳ ବ୍ୟବହାର କରୁଥିଲେ ମଧ୍ୟ ଏହା ଏକ ସ୍ଥାୟୀ ଏବଂ ସାର୍ବଜନୀନ ସମାଧାନ ନଥିଲା ।

ଏହି ବୈଷୟିକ ସମସ୍ୟା ସହିତ ପୃଥିବୀର ବଢୁଥିବା ଘୂର୍ଣ୍ଣନ ଗତି ଏକ ନୂତନ ଏବଂ ଭୟଙ୍କର ଆଶଙ୍କା ସୃଷ୍ଟି କରିଥିଲା, ଯାହାକୁ 'ନେଗେଟିଭ୍ ଲିପ୍ ସେକେଣ୍ଡ' ବା ବିଯୁକ୍ତାତ୍ମକ ଅଧି-ସେକେଣ୍ଡ କୁହାଯାଏ । ଯଦି ପୃଥିବୀର ଗତି ବୃଦ୍ଧି ପାଇବା ଜାରି ରହେ, ତେବେ ସମୟକୁ ସମାନ ରଖିବା ପାଇଁ ଇତିହାସରେ ପ୍ରଥମ ଥର ପାଇଁ ଘଣ୍ଟାରୁ ଗୋଟିଏ ସେକେଣ୍ଡକୁ ବାଦ୍ ଦେବାକୁ ପଡ଼ିବ । ଏହାର ଅର୍ଥ ହେଲା ଗୋଟିଏ ମିନିଟ୍ ୬୦ ସେକେଣ୍ଡ ପରିବର୍ତ୍ତେ ମାତ୍ର ୫୯ ସେକେଣ୍ଡର ହୋଇଯିବ । ଆଇଟି ବିଶେଷଜ୍ଞମାନଙ୍କ ମତରେ ଏକ ନେଗେଟିଭ୍ ଲିପ୍ ସେକେଣ୍ଡ ଡିଜିଟାଲ୍ ଦୁନିଆ ପାଇଁ ନବେ ଦଶକର ୱାଇଟୁକେ (Y2K) ବଗ୍ ଠାରୁ ମଧ୍ୟ ଅଧିକ ଭୟଙ୍କର ସାବ୍ୟସ୍ତ ହୋଇପାରେ । କମ୍ପ୍ୟୁଟର ପ୍ରୋଗ୍ରାମଗୁଡ଼ିକ ସମୟକୁ ପଛକୁ ନେବା କିମ୍ବା ଗୋଟିଏ ସେକେଣ୍ଡ ହଠାତ୍ ଡେଇଁଯିବା ପାଇଁ ଆଦୌ ଡିଜାଇନ୍ ହୋଇନାହାଁନ୍ତି। ଏହି ଅଭୂତପୂର୍ବ ଆଶଙ୍କା ହିଁ ବିଆଇପିଏମ୍ ଏବଂ ଅନ୍ୟାନ୍ୟ ସମୟ ନିର୍ଦ୍ଧାରଣକାରୀ ସଂସ୍ଥାମାନଙ୍କୁ ତୁରନ୍ତ ଏବଂ କଠୋର ପଦକ୍ଷେପ ନେବାକୁ ବାଧ୍ୟ କଲା । ବ୍ରିଟେନର ନ୍ୟାସନାଲ୍ ଫିଜିକାଲ୍ ଲାବୋରେଟୋରୀର ସମୟ ଏବଂ ଫ୍ରିକ୍ୱେନ୍ସି ବିଭାଗର ପ୍ରମୁଖ ବୈଜ୍ଞାନିକ ଡକ୍ଟର ସେତନାମ୍ ଶେମାରଙ୍କ ମତରେ, ଲିପ୍ ସେକେଣ୍ଡକୁ ନିର୍ଭରଯୋଗ୍ୟ ଭାବରେ କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଷ୍ଟକର ଏବଂ ଏଥିରେ ସାମାନ୍ୟ ତ୍ରୁଟି ରହିଲେ ତାହା ଜାତୀୟ ତଥା ଅନ୍ତର୍ଜାତୀୟ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ କରିଦେଇପାରେ। ତେଣୁ ନିରବଚ୍ଛିନ୍ନ ସମୟ ସିଙ୍କ୍ରୋନାଇଜେସନ୍ ଉପରେ ନିର୍ଭର କରୁଥିବା ଆମର ଦୈନନ୍ଦିନ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ପାଇଁ ଲିପ୍ ସେକେଣ୍ଡକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରିବାର ନିଷ୍ପତ୍ତି ଏକାନ୍ତ ଅପରିହାର୍ଯ୍ୟ ଥିଲା ।

ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି ଯେ, ଲିପ୍ ସେକେଣ୍ଡ ବାତିଲ ହେବା ପରେ ପରମାଣୁ ଘଣ୍ଟା ଏବଂ ପୃଥିବୀର ପ୍ରକୃତ ସମୟ ମଧ୍ୟରେ ଥିବା ପାର୍ଥକ୍ୟକୁ କିପରି ପରିଚାଳନା କରାଯିବ ତାହା ଏକ ମୁଖ୍ୟ ଆଲୋଚନାର ବିଷୟ ଅଟେ । ଏହାର ଏକ ଦୀର୍ଘମିଆଦୀ ଏବଂ ବ୍ୟବହାରିକ ସମାଧାନ ସ୍ୱରୂପ 'ଲିପ୍ ଆୱାର' ବା ଅଧି-ଘଣ୍ଟା ବ୍ୟବସ୍ଥାକୁ ବିକଳ୍ପ ଭାବରେ ଗ୍ରହଣ କରାଯାଇଛି । ନୂତନ ନିୟମ ଅନୁଯାୟୀ, ଆଣବିକ ସମୟ ଏବଂ ମହାଜାଗତିକ ସମୟ ମଧ୍ୟରେ ଥିବା ପାର୍ଥକ୍ୟକୁ ସେତେବେଳ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ବଢ଼ିବାକୁ ଦିଆଯିବ, ଯେତେବେଳେ ପର୍ଯ୍ୟନ୍ତ ଏହା ଗୋଟିଏ ସମ୍ପୂର୍ଣ୍ଣ ଘଣ୍ଟା ଅର୍ଥାତ୍ ୩,୬୦୦ ସେକେଣ୍ଡରେ ପରିଣତ ନହୋଇଛି । ବୈଜ୍ଞାନିକମାନଙ୍କ ଗାଣିତିକ ଆକଳନ ଅନୁଯାୟୀ, ଏହି ପାର୍ଥକ୍ୟ ଏକ ଘଣ୍ଟାରେ ପହଞ୍ଚିବା ପାଇଁ ହଜାର ହଜାର ବର୍ଷ ସମୟ ଲାଗିବ । ବୋଧହୁଏ ଆଗାମୀ ତିନି ରୁ ଚାରି ହଜାର ବର୍ଷ ପର୍ଯ୍ୟନ୍ତ ଆମକୁ ଆମର ଘଣ୍ଟାରେ କୌଣସି ପରିବର୍ତ୍ତନ କରିବାର ଆବଶ୍ୟକତା ପଡ଼ିବ ନାହିଁ । ଏବଂ ଯେତେବେଳେ ବି ଭବିଷ୍ୟତରେ ଏହି ଲିପ୍ ଆୱାର ଲାଗୁ କରିବାର ସମୟ ଆସିବ, ଏହାକୁ ଡେଲାଇଟ୍ ସେଭିଂ ଟାଇମ୍ (ଡିଏସଟି) ପରିବର୍ତ୍ତନ ଭଳି ଅତି ସହଜରେ ପରିଚାଳନା କରାଯାଇପାରିବ । ବର୍ତ୍ତମାନ ମଧ୍ୟ ବିଶ୍ୱର ଅନେକ ଦେଶରେ ଋତୁ ଅନୁଯାୟୀ ଘଣ୍ଟାକୁ ଏକ ଘଣ୍ଟା ଆଗକୁ କିମ୍ବା ପଛକୁ କରାଯାଉଛି ଏବଂ ଏହା ଦ୍ୱାରା କମ୍ପ୍ୟୁଟର ସିଷ୍ଟମ୍ କିମ୍ବା ସାଧାରଣ ଜନଜୀବନରେ କୌଣସି ବଡ଼ ଧରଣର ବୈଷୟିକ ସମସ୍ୟା ସୃଷ୍ଟି ହେଉନାହିଁ । ତେଣୁ ଲିପ୍ ସେକେଣ୍ଡ ଭଳି ବାରମ୍ବାର ଏବଂ ଅପ୍ରତ୍ୟାଶିତ ସମୟ ପରିବର୍ତ୍ତନ ତୁଳନାରେ, ଶତାବ୍ଦୀ ଶତାବ୍ଦୀ ପରେ ଥରେ ମାତ୍ର ଲିପ୍ ଆୱାର ଲାଗୁ କରିବା ଅଧିକ ନିରାପଦ ଅଟେ । ଏହି ପଦକ୍ଷେପ ଦ୍ୱାରା ଗ୍ଲୋବାଲ୍ ନେଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍ (ଜିଏନଏସଏସ), ଟେଲିଯୋଗାଯୋଗ ନେଟୱର୍କ ଏବଂ ବିଦ୍ୟୁତ୍ ଶକ୍ତି ଗ୍ରୀଡ୍ ଗୁଡ଼ିକ ବିନା କୌଣସି ବାଧାବିଘ୍ନରେ କାର୍ଯ୍ୟ କରିପାରିବେ।

ଏହି ଐତିହାସିକ ନିଷ୍ପତ୍ତି ପଛରେ କେବଳ ବୈଷୟିକ ଦୃଷ୍ଟିକୋଣ ନୁହେଁ, ବରଂ ଗଭୀର ଅର୍ଥନୈତିକ ଏବଂ ଭୂ-ରାଜନୈତିକ ସମୀକରଣ ମଧ୍ୟ ନିହିତ ଅଛି । ପୂର୍ବରୁ ଏହି ପ୍ରସ୍ତାବକୁ ନେଇ କିଛି ଦେଶ, ବିଶେଷ କରି ଋଷିଆ ତୀବ୍ର ବିରୋଧ କରିଆସୁଥିଲା । ଆମେରିକାର ଜିପିଏସ୍ କିମ୍ବା ୟୁରୋପୀୟ ୟୁନିଅନର ଗାଲିଲିଓ ବ୍ୟବସ୍ଥା ତୁଳନାରେ ଋଷିଆର ଗ୍ଲୋନାସ୍ (GLONASS) ସାଟେଲାଇଟ୍ ନେଭିଗେସନ୍ ସିଷ୍ଟମ୍ ଲିପ୍ ସେକେଣ୍ଡକୁ ସିଧାସଳଖ ନିଜର ଗଣନାରେ ଅନ୍ତର୍ଭୁକ୍ତ କରିଥାଏ । ତେଣୁ ଲିପ୍ ସେକେଣ୍ଡକୁ ହଠାତ୍ ବାତିଲ କଲେ ସେମାନଙ୍କର ସାଟେଲାଇଟ୍ ବ୍ୟବସ୍ଥାକୁ ଅପଡେଟ୍ କରିବା ପାଇଁ ବିପୁଳ ଅର୍ଥ ଏବଂ ସମୟ ଆବଶ୍ୟକ ହେବ ବୋଲି ଋଷିଆ ଯୁକ୍ତି ବାଢ଼ିଥିଲା । ସେଥିପାଇଁ ସେମାନେ ଏହି ପରିବର୍ତ୍ତନକୁ ୨୦୪୦ ମସିହା ପର୍ଯ୍ୟନ୍ତ ଘୁଞ୍ଚାଇବାକୁ ଦାବି କରୁଥିଲେ । କିନ୍ତୁ ବିଶ୍ୱର ବୃହତ୍ତର ସ୍ୱାର୍ଥ ଏବଂ ନେଗେଟିଭ୍ ଲିପ୍ ସେକେଣ୍ଡର ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ଶେଷରେ ଭର୍ସାଇଲ୍ସ ସମ୍ମିଳନୀରେ ସମସ୍ତ ୬୯ଟି ସଦସ୍ୟ ରାଷ୍ଟ୍ର ଏକମତ ହୋଇଥିଲେ । ଆର୍ଥିକ ଦୃଷ୍ଟିକୋଣରୁ ବିଚାର କଲେ, ଆଜିର ଷ୍ଟକ୍ ମାର୍କେଟ୍ ଗୁଡ଼ିକରେ ହାଇ-ଫ୍ରିକ୍ୱେନ୍ସି ଟ୍ରେଡିଂ ବ୍ୟବସ୍ଥା କାର୍ଯ୍ୟ କରୁଛି, ଯେଉଁଠାରେ ଏକ ମାଇକ୍ରୋସେକେଣ୍ଡର ବିଳମ୍ବ କିମ୍ବା ତ୍ରୁଟି କୋଟି କୋଟି ଡଲାରର କ୍ଷତି ଘଟାଇପାରେ। ବିଭିନ୍ନ କମ୍ପ୍ୟୁଟର ନେଟୱର୍କ ମଧ୍ୟରେ ସମୟର ସଠିକ୍ ସମନ୍ୱୟ ନରହିଲେ ସାଇବର ସୁରକ୍ଷା ପ୍ରତି ମଧ୍ୟ ବିପଦ ଦେଖାଦେଇଥାଏ। ତେଣୁ ଏକ ସ୍ଥିର ଏବଂ ନିରବଚ୍ଛିନ୍ନ ସମୟ ମାପକ ବ୍ୟବସ୍ଥା ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ସଦୃଶ ଅଟେ । ଲିପ୍ ଆୱାରକୁ ଗ୍ରହଣ କରିବା ଦ୍ୱାରା ବୈଷୟିକ କମ୍ପାନୀଗୁଡ଼ିକ ଉପରୁ ଏକ ବଡ଼ ବୋଝ ଲାଘବ ହେବା ସହ ବିଶ୍ୱର ଡିଜିଟାଲ୍ ଅର୍ଥନୀତି ଅଧିକ ସୁରକ୍ଷିତ ହୋଇପାରିବ।

ଦାର୍ଶନିକ ତଥା ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ, ଏହି ନିଷ୍ପତ୍ତି ମାନବ ସଭ୍ୟତାର ସମୟ ସହିତ ଥିବା ସମ୍ପର୍କରେ ଏକ ବୃହତ୍ତର ପରିବର୍ତ୍ତନକୁ ସୂଚାଉଛି । ହଜାର ହଜାର ବର୍ଷ ଧରି ମଣିଷ ନିଜର ଦୈନନ୍ଦିନ ଜୀବନ ଏବଂ ସମୟର ଗଣନା ପାଇଁ ସୂର୍ଯ୍ୟଙ୍କ ଗତିବିଧି ଏବଂ ପୃଥିବୀର ଆବର୍ତ୍ତନ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ହିଁ ଆମର ଘଣ୍ଟା ନିର୍ଦ୍ଧାରଣ କରୁଥିଲା । କିନ୍ତୁ ଆଜି ଆମେ ଏକ ଏପରି ସ୍ତରରେ ପହଞ୍ଚିଛୁ, ଯେଉଁଠାରେ ପ୍ରକୃତିର ଅନିୟମିତତାକୁ ଆମର ବୈଷୟିକ ଉପକରଣଗୁଡ଼ିକ ଆଉ ସହ୍ୟ କରିପାରୁନାହାଁନ୍ତି । ମଣିଷ ନିଜର ସୃଷ୍ଟି କରିଥିବା ଯନ୍ତ୍ରପାତି ଏବଂ କମ୍ପ୍ୟୁଟରଗୁଡ଼ିକର ସୁବିଧା ପାଇଁ ଆଜି ମହାଜାଗତିକ ସମୟକୁ ପଛରେ ପକାଇ ଆଣବିକ ସମୟର ନିର୍ଭୁଲତାକୁ ଆପଣାଇବାକୁ ବାଧ୍ୟ ହୋଇଛି । ଏହା ପ୍ରମାଣିତ କରୁଛି ଯେ ଆମେ ବର୍ତ୍ତମାନ ଏକ ସମ୍ପୂର୍ଣ୍ଣ ଡିଜିଟାଲ୍ ଯୁଗରେ ପ୍ରବେଶ କରିଛୁ, ଯେଉଁଠାରେ ଟେକ୍ନୋଲୋଜିର ଆବଶ୍ୟକତା ପ୍ରାକୃତିକ ନିୟମଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଅକ୍ଟୋବର ୧୫,୨୦୨୬ ର ଏହି ସର୍ବସମ୍ମତ ନିଷ୍ପତ୍ତି କେବଳ ଏକ ବୈଷୟିକ ସମାଧାନ ନୁହେଁ, ବରଂ ଏହା ମାନବିକ ପ୍ରଗତିର ଏକ ଅନନ୍ୟ ନିଦର୍ଶନ ଅଟେ । ଲିପ୍ ସେକେଣ୍ଡ ନିଜର କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲା, କିନ୍ତୁ ଆଧୁନିକ ଯୁଗର ଦ୍ରୁତ ପରିବର୍ତ୍ତନଶୀଳ ଡିଜିଟାଲ୍ ପରିବେଶରେ ଏହାର ପ୍ରାସଙ୍ଗିକତା ଶେଷ ହୋଇଯାଇଥିଲା । ଲିପ୍ ଆୱାରର ପ୍ରଚଳନ ଆମକୁ ଏକ ସ୍ଥିର, ନିରାପଦ ଏବଂ ନିରବଚ୍ଛିନ୍ନ ଭବିଷ୍ୟତ ଆଡ଼କୁ ଅଗ୍ରସର କରାଇବ। ସମୟ ନିଜ ଗତିରେ ନିରନ୍ତର ଚାଲିବ, କିନ୍ତୁ ତାହାକୁ ମାପିବାର ଆମର ଦୃଷ୍ଟିକୋଣ ଏବଂ ପଦ୍ଧତି ସବୁଦିନ ପାଇଁ ବଦଳିଯାଇଛି ।

# ଶରୀରଂ ଆଦ୍ୟଂ ଖଳୁ ଧର୍ମ ସାଧନଂ



## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମନୁଷ୍ୟର ଶରୀର ଈଶ୍ୱରଙ୍କର ଏକ ଅନବଦ୍ୟ ଆଶୀର୍ବାଦ। ଏହି ଶରୀରର ଉଦ୍ଦେଶ୍ୟ ହେଉଛି ଧର୍ମ ସାଧନ ଓ ଆତ୍ମମାନଙ୍କର ଗନ୍ତବ୍ୟ ହେଲା ଈଶ୍ୱର ପ୍ରାପ୍ତି ଅର୍ଥାତ୍ ଧାରଣ, ପାଳନ ଓ ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ। ମନୁଷ୍ୟ ଶରୀରର ସ୍ୱାସ୍ଥ୍ୟ ନିର୍ଭର କରେ - ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଏହି ତିନୋଟି ସ୍ତମ୍ଭ ଉପରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସ୍ୱାସ୍ଥ୍ୟ ଏକ ସାମଗ୍ରିକ ଆହ୍ୱାନ। ମନୁଷ୍ୟର ପିତାମାତା, ଶିକ୍ଷକ, ସାମାଜିକ ଗୁରୁ ଓ ସର୍ବୋପରି ଆଧ୍ୟାତ୍ମିକ ଗୁରୁମାନଙ୍କ ଆଶୀର୍ବାଦରେ ମନୁଷ୍ୟ ଏହି ନିଖୁଣ ସ୍ୱାସ୍ଥ୍ୟ ଲାଭ କରେ। ଖାଦ୍ୟର ଉଦ୍ଦେଶ୍ୟ ମନୁଷ୍ୟ ଶରୀର, ମନ ଓ ଆଧ୍ୟାତ୍ମିକ ଚିନ୍ତନକୁ ଉପଯୁକ୍ତ ଦିଗରେ ପରିଚାଳନ କରିବା। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର କୋଟି କୋଟି ଭକ୍ତ ଶିଷ୍ୟ ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ଦିଗନ୍ତ ପ୍ରସାରୀ ଆହ୍ୱାନ ଦେଇ କହିଛନ୍ତି - ମାଛ, ମାଂସ ଖାଇବ ନାହିଁ, ପିଆଜ, ରସୁଣ ମାଦକ ଛାଡ଼। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭୂତିରୁ ବର୍ଣ୍ଣନା କଲେ - ମାଛ, ମାଂସର ଜୈବକୋଷ ଉପାଦାନ ଆତ୍ମ ମାନଙ୍କ ଶରୀରରେ ପ୍ରବେଶ କରି ଶରୀରର ଜୈବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟି କରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିଉଠାଏ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟି ହେଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ଆୟୁଷର କ୍ଷତି ଘଟେ। କାରଣ ସ୍ୱାଭାବିକ ନିୟମରେ ଯେଉଁ ବୃଦ୍ଧି ହୁଏତ ଦଶବର୍ଷରେ ହେବାର କଥା ତାହା ହୁଏତ ପାଞ୍ଚ ବର୍ଷ ମଧ୍ୟରେ ହୋଇଗଲା। ଏହାପରେ ହିଁ ଆରମ୍ଭ ହୁଏ ପ୍ରତିକ୍ରିୟା ଓ ମନୁଷ୍ୟର ଆୟୁଷ କମିଯାଏ। ଆମିଷ ଖାଦ୍ୟ ଖାଇଲେ ଶରୀର ମଧ୍ୟରେ ଏକ ବିଷକ୍ରିୟା ସୃଷ୍ଟି ହୋଇ ସ୍ନାୟୁ ଓ ମସ୍ତିଷ୍କ କୋଷ ଗୁଡ଼ିକ ଚଞ୍ଚଳ, ଦୁର୍ବଳ, ଓ କ୍ରମାଗତିହରା ହୋଇଉଠନ୍ତି। ସୂକ୍ଷ୍ମ ଅନୁଭୂତି ଗୁଡ଼ିକୁ ଧରିହୁଏ ନାହିଁ। ଗୋଟିଏ ଦିନ ଆମିଷ ଖାଇଲେ ଅନ୍ତତଃ ଦୁଇ ତିନି ସପ୍ତାହ ପର୍ଯ୍ୟନ୍ତ ତାର କୁକ୍ରିୟା କାର୍ଯ୍ୟକରେ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ମତରେ ଯେଉଁମାନେ ଉନ୍ନତତର ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହାଁନ୍ତି, ସୁସ୍ଥ ଦେହ ଓ ସ୍ୱଚ୍ଛନ୍ଦ ମନରେ କ୍ରମାଗତ ଭାବରେ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଦ୍ୟ ଖାଇବା ଉଚିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପନିପରିବା ଓ ମାଂସ ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ବ୍ୟାଖ୍ୟା କରି କହିଲେ ଯେ ପନିପରିବା (ଭେଜିଟେବଲ୍) ଅର୍ଥ ଜୀବନ୍ତ ଓ ଜାଗ୍ରତ କରି ଉଠାଇବା, କିନ୍ତୁ ମାଂସ (ଫ୍ଲେଶ୍) ଶବ୍ଦର ସେପରି କୌଣସି ଅର୍ଥ ନାହିଁ। ଆମିଷ ଖାଦ୍ୟ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ ଓ ସୁସଙ୍ଗତ ନହେଲେ ତାହା ଶରୀରକୁ ପୋଷଣ ଦେଇପାରେ ନାହିଁ। ନିରାମିଷ ଆହାରରେ ଶକ୍ତି ବଢ଼େ। ନିରାମିଷ ଆହାର ଆତ୍ମମାନଙ୍କ ଶରୀର ବିଧାନ ପକ୍ଷରେ ସଂଗତିଶୀଳ। କିନ୍ତୁ ଆମିଷ ଆହାର ତାହା ନୁହେଁ। ନିଜସ୍ୱ ଅନୁଭୂତିରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଥରେ ପିଆଜମିଶ୍ରିତ ଖେଚୁଡ଼ି ଖାଇ ମୋତେ ୧୦୫ ଡିଗ୍ରୀ ଜ୍ୱର ହୋଇଥିଲା। ମାଛ ଖାଇବା ଓ ନଖାଇବା - ମୁଁ ଭଲ ଭାବରେ ପରୀକ୍ଷା କରି ଦେଖିଛି। ମାଛ ନଖାଇ ନାମ ଧ୍ୟାନ କରି ଦେଖିଛି। ମନଟି ଅତି ଶୀଘ୍ର ଉପରକୁ ଉଠିଯାଏ, ଆଉ ଯେତେବେଳେ ଆମିଷ ଖାଦ୍ୟ ଖାଇଛି, ସେତେବେଳେ ନାମ କଲେ ମଧ୍ୟ ମନର ପ୍ରସାରଣ ହୁଏନାହିଁ, କ୍ରମାଗତି କଟିଯାଏ, କ୍ଳାନ୍ତି ଆସେ। ଆମିଷ ଆହାର ଏକ ବିକୃତ ରୁଚି। ଗୋଟିଏ ମନୁଷ୍ୟକୁ ହତ୍ୟାକଲେ ସେ ଯେଉଁଭଳି ବ୍ୟଥା ଓ ଯନ୍ତ୍ରଣା ଅନୁଭବ କରେ, ଗୋଟିଏ ଜୀବକୁ ହତ୍ୟା କଲେ ମଧ୍ୟ ସେ ସେହିଭଳି କଷ୍ଟ ପାଏ। ପ୍ରତ୍ୟେକ ଜୀବ ହେଉଛନ୍ତି ଏକ କ୍ଷୁଦ୍ରାଦପିକ୍ଷୁଦ୍ର ମନୁଷ୍ୟ। ନରହତ୍ୟା କଥା ଶୁଣିଲେ ଆମେ ଆତଙ୍କିତ ହେଉ, କିନ୍ତୁ ଜୀବହତ୍ୟା



ବେଳେ କିଛି ବୋଧ ଆସେନାହିଁ, ଏହାର ଅର୍ଥ ହେଉଛି - ଆତ୍ମମାନଙ୍କର ବୋଧବୃତ୍ତି ପ୍ରବୃତ୍ତିଆବିଳ, ସ୍ଥୂଳ, ହୃଦୟହୀନ ଓ ସହାନୁଭୂତି ଶୂନ୍ୟ। ସମଗ୍ର ସ୍ନାୟୁବିକ ବିଧାନ ଆମିଷ ଖାଦ୍ୟରେ କ୍ଷତିଗ୍ରସ୍ତ ହୁଏ, ଦୃଷ୍ଟିଶକ୍ତି କମିଯାଏ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଜସ୍ୱ ଅଭିଜ୍ଞତାରୁ କହିଛନ୍ତି - କୌଣସି ଦିନ ଯଦି ମାଛ ଖାଇଥିଲି ତାହାପରେ ବେଶ କିଛିଦିନ ଧ୍ୟାନଧାରଣା ଓ ଭଜନଅନୁଭୂତି କମି ଯାଉଥିଲା। ଜ୍ୟୋତି ଓ ଶବ୍ଦର ଅନୁଭୂତି କ୍ଷୀଣ ହେଉଥିଲା ଓ ଆନନ୍ଦର ଉତ୍ସ ଶୁଖି ଯାଉଥିଲା। ନିଜର ଅଭିଜ୍ଞତା ଉପରେ ମୋର ଅକାଟ୍ୟ ବିଶ୍ୱାସ ଯେ ଉଚ୍ଚତର ଅନୁଭୂତି ରାଜ୍ୟରେ ଯିବାକୁ ହେଲେ, ଚିନ୍ତା - ଚଳନ ଓ ଚରିତ୍ରକୁ ଯିଏ ସ୍ଥୈର୍ଯ୍ୟ-ସମନ୍ୱିତ କରିବାକୁ ଚାହେଁ, ସେମାନଙ୍କୁ ଆମିଷ ଆହାର ବର୍ଜନ କରିବାକୁ ହେବ। ଆମିଷ ଖାଦ୍ୟରେ ଯେଉଁ ବୃଦ୍ଧି ଘଟେ ତାହା ଆୟୁଷ ବିନିମୟରେ। ଏହା ଆମର କାମ୍ୟ ନୁହେଁ। ଜୀବନ ଯେଉଁଭଳି ଦୀର୍ଘାୟିତ ହୁଏ ତାହା କରିବା ହିଁ ଭଲ। ନିରାମିଷ ଖାଦ୍ୟ ଓ ସୁନିୟନ୍ତ୍ରିତ ଚଳନ ହିଁ ଦୀର୍ଘ ଆୟୁ ପକ୍ଷେ ସହାୟକ। ସୁନିୟନ୍ତ୍ରିତ ଚଳନ ନିମିତ୍ତ ତିନୋଟି ଜିନିଷର ପ୍ରୟୋଜନ। ପ୍ରଥମ ହେଲା ସୁକୈନ୍ଦ୍ରିକ ଇଚ୍ଛାଶକ୍ତି। ଏହା ନଥିଲେ ମନୁଷ୍ୟ ଜୀବନରେ ବିରୋଧି ଶକ୍ତି ଗୁଡ଼ିକୁ ଆୟତ୍ତରେ ଆଣିପାରେ ନାହିଁ। ଜୀବନର ଘାତ ପ୍ରତିଘାତରେ ଦୁର୍ବଳ ଓ ହତାଶ ହୋଇପଡ଼େ ଓ ପ୍ରତିରୋଧକ କ୍ଷମତା କମିଯାଏ। ରୋଗ ବ୍ୟାଧି ଚାପି ଧରେ। ଦ୍ୱିତୀୟ ହେଲା- ସୁନିୟନ୍ତ୍ରିତ ଦାମ୍ପତ୍ୟ ଜୀବନ ଓ ତୃତୀୟ ହେଲା - ଶାନ୍ତିପୂର୍ଣ୍ଣ ପାରିବାରିକ ପରିବେଶ। ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଖାଦ୍ୟ ସମ୍ବନ୍ଧରେ ଏହି ଆହ୍ୱାନକୁ ଆମେ ବିନମ୍ର ଭାବେ ଗ୍ରହଣ କରୁଛୁ।

+ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ନବରାତ୍ରୀର ନବଶକ୍ତି



## ଡାକ୍ତର ରାମ ପ୍ରସାଦ ରାୟ



ସଂସ୍କୃତି କହିଲେ ମାନବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ମାନଦଣ୍ଡ ତଥା ମାର୍ଜିତ ଚିନ୍ତାଧାରାକୁ ବୁଝାଏ। ଏହା ଏକ ସଂସ୍କାର ସମ୍ପନ୍ନ ମାନବ ସମାଜର ଅନ୍ତଃସଲୀଳା ଚୀର ପ୍ରବହମାନ ଜହ୍ନାବୀ ଧାରା। ଏହା ସାମାଜିକ ଜୀବନ ଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଧାର୍ମିକ ଜୀବନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ। ଭାରତୀୟ ଜନଜୀବନର ସାମଗ୍ରିକ ରୂପ ତାର ଲୋକ - ସଂସ୍କୃତିରେ ପ୍ରତିଫଳିତ। ତେଣୁ ସାମାଜିକ ଆଧ୍ୟାତ୍ମିକ ଓ ରାଜନୈତିକ ଜୀବନର ମଧୁର ସମନ୍ୱୟରେ ପ୍ରତ୍ୟେକ ଦେଶର ସଂସ୍କୃତି ଗଢ଼ି ଉଠିଥାଏ। ସେଥିପାଇଁ ଭାରତ ବର୍ଷ ସର୍ବୋପରି ବହୁ ସଂପ୍ରଦାୟ ଓ ବହୁ ଭାବନାର ସମନ୍ୱିତ ଭୂମି ଏବଂ ମହନୀୟ ଚେତନାର ସମନ୍ୱିତ ତୀର୍ଥ।

ଆର୍ଯ୍ୟଭୂମି ଭାରତ ବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି। ଆର୍ଯ୍ୟ ଓ ଅର୍ଯ୍ୟୋତର ବିଶ୍ୱାସ ଓ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା। ପ୍ରଚଳିତ ଶାକ୍ତ ବ୍ରତ ଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉତ୍ତରାୟଣୀ, ପାର୍ବତୀ, ଆରାଧ ଦେବୀ ରୂପେ ପୂଜା ପାଆନ୍ତି। ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖିଥିଲେ ହେଁ ବହୁ, ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ୍ୟ।

ତେଣୁ ଭାରତ ବର୍ଷରେ ବିଭିନ୍ନ ସମୟରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଞ୍ଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ସେହି ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ବ୍ୟାପକ ଭାବରେ ଜନ ସମାଜରେ ପ୍ରଚଳିତ ହୋଇଅଛି। ଆଶ୍ୱିନ ଓ ଚୈତ୍ର ମାସରେ ନବରାତ୍ରି ପୂଜା ବିଧାନ ହୋଇଥାଏ। ଋତୁ ବିଜ୍ଞାନ ଅନୁସାରେ ଆଶ୍ୱିନ ଓ ଚୈତ୍ର ମାସ ହେଉଛି ଉତ୍ତାପ ଓ ଶୀତଳତାର ସନ୍ଧି ମାସ । ଶୀତର ପଦାର୍ପଣ ଆଶ୍ୱିନର ପ୍ରାରମ୍ଭରୁ ହୁଏ ଏବଂ ଗ୍ରୀଷ୍ମ ପଦାର୍ପଣ ହୁଏ ଚୈତ୍ର ଆରମ୍ଭରୁ । ଋତୁମୂଳକ ବାସନ୍ତୀ ସମ୍ବତ୍ସର ଚୈତ୍ର ଶୁକ୍ଳ ପ୍ରତିପଦରୁ ଏବଂ ନକ୍ଷତ୍ରମୂଳକ ଶାରଦୀୟ ବର୍ଷ ଆଶ୍ୱିନ ପ୍ରତିପଦରୁ ଆରମ୍ଭ ହୁଏ। ଏହି ଉଭୟ ସମ୍ବତ୍ସରର ପ୍ରାରମ୍ଭିକ ୯ ଦିନ ହେଉଛି ନବରାତ୍ରି। ନବ ଶବ୍ଦର ଅର୍ଥ ହେଉଛି ୯ ସଂଖ୍ୟାବାଚକ। ଦୁର୍ଗାଙ୍କ ନବରୂପର ଅର୍ଚ୍ଚନା କରାଯାଏ। କୃଷି ପ୍ରଧାନ ଦେଶ ଭାରତରେ କୃଷି ଦୃଷ୍ଟିରୁ ଆଶ୍ୱିନ ଓ ଚୈତ୍ର ମାସର ବିଶେଷ ମହତ୍ତ୍ୱ ରହିଛି। ଚୈତ୍ର ମାସରେ ଏବଂ ଆଶ୍ୱିନ ମାସରେ ଧାନ ଫସଲ ହୋଇଥାଏ। ଉଭୟ ଅବସରରେ ନଅ ଦିନ ପର୍ଯ୍ୟନ୍ତ ଘରେ ରହିବା ଆବଶ୍ୟକ। ଗୃହକୋଣରେ ଭଗବତୀଙ୍କ ମଣ୍ଡପ ସଜାଯାଏ।

ରାତିଦିନ ଜଳୁଥିବା ଘିଅ ଏବଂ ତେଲର ପ୍ରଦୀପ, ଧୂପ, କର୍ପୂର ଅଗର ଆଦି ସୁଗନ୍ଧିତ ଦ୍ରବ୍ୟରୁ ଆସୁଥିବା ଧୂମ ଏହି ସନ୍ଧିକାଳ ମାସରେ ଉତ୍ପନ୍ନ ହେଉଥିବା ଜୀବାଣୁର ବିନାଶ କରେ। ଅନ୍ନର ଆଗମନରେ 'ନବରାତ୍ରି' ପାଳନ କରାଯାଏ। ଦଶମ ଦିନ ଯଜ୍ଞ କରି ନବାନ୍ନ ଆହୁତି ଦିଆଯାଏ। ପୌରାଣିକ କଥାବସ୍ତୁ ଅନୁଯାୟୀ ମହାପ୍ରତାପୀ ରାବଣଙ୍କୁ ଜିତିବା ପାଇଁ ପ୍ରଭୁ ଶ୍ରୀରାମ ନାରଦ ମୁନିଙ୍କ ପରାମର୍ଶରେ ନବରାତ୍ରି ପୂଜା କରିଥିଲେ। ମା' ଦୁର୍ଗାଙ୍କ ନବରାତ୍ରୀ ଉତ୍ସବରେ ମହାମାୟୀ ଏ ନବଦିନ ଭିନ୍ନ ଭିନ୍ନ ସ୍ୱରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି।

ଶ୍ରୀ ଶ୍ରୀ ଦୁର୍ଗାଦେବୀଙ୍କୁ ସମୋହନୀ ତନ୍ତ୍ରରେ ନଅଟି ନାମରେ ଆରାଧନା କରାଯାଏ। ସେହି ମନ୍ତ୍ରଟି ହେଉଛି 'ବନଦୁର୍ଗା ମହାଦୁର୍ଗା ଗିରିଦୁର୍ଗା ତତଃ ପରଂ। ଜୟଦୁର୍ଗା ଶୂଳିଦୁର୍ଗା। ମହିଷମର୍ଦ୍ଦିନୀ। ଶକ୍ତିଦୁର୍ଗା ଘୋରାଦୁର୍ଗା ଚଣ୍ଡଦୁର୍ଗା। ତତଃ କ୍ରମାତ୍। ଇତି ସମ୍ମୋହିନୀ ତନ୍ତ୍ରେ ଦୁର୍ଗାଭେଦା ନବୋଦିତାଃ।। ଅନ୍ୟତ୍ ପ୍ରଥମଂ ଶୈଳୀପୁତ୍ରୀତି, ଦ୍ୱିତୀୟଂ ବ୍ରହ୍ମଚାରିଣୀ। ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍।। ପଞ୍ଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ। ସପ୍ତମଂ କାଳରାତ୍ରୀତି, ମହାଗୌରୀତି ଚାଷ୍ଟମମ୍।। ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ। ଉକ୍ତାନ୍ୟେତାନି ନାମାନି ବ୍ରହ୍ମଣୈବ ମହାତ୍ମନା।।'

ପ୍ରଥମରେ ଶୈଳୀପୁତ୍ରୀ, ଦ୍ୱିତୀୟରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଣ୍ଟା, ଚତୁର୍ଥରେ କୁଷ୍ମାଣ୍ଡା, ପଞ୍ଚମରେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟିନୀ, ସପ୍ତମରେ କାଳରାତ୍ରୀ, ଅଷ୍ଟମରେ ମହାଗୌରୀ ଓ ନବମରେ ସିଦ୍ଧିଦାତ୍ରୀ ଏହା ନବଦୁର୍ଗା (ନବଶକ୍ତି) ବୋଲି କଥିତ ଅଛି। ଏହି ସମସ୍ତ ନାମ ସର୍ବଜ୍ଞଦେବ ବ୍ରହ୍ମାଙ୍କ ଦ୍ୱାରା ବର୍ଣ୍ଣିତ ହୋଇଅଛି। (ବ୍ରହ୍ମାକୃତ ଦେବୀ କବଚ)। ମା ସିଦ୍ଧିଦାତ୍ରୀ ଭକ୍ତମାନଙ୍କର ସମସ୍ତ କାମନା ପୂରଣ କରି ଅଷ୍ଟସିଦ୍ଧି (ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଷିତ୍ୱ ଓ ବଶିତ୍ୱ) ପ୍ରଦାନ କରନ୍ତି। ଆଉ କେତେ ପୁରାଣରେ ଅଷ୍ଟାଦଶ ସିଦ୍ଧି ବିଷୟରେ କୁହାଯାଏ।

ସେଗୁଡ଼ିକ ହେଲା - ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, ସର୍ବକାମାବସାୟିତା, ସର୍ବଜ୍ଞତ୍ୱ, ଦୂରଶ୍ରବଣ, ପରକାୟ ପ୍ରବେଶନ, ବାକସିଦ୍ଧି, କଳ୍ପବୃକ୍ଷତ୍ୱ, ସୃଷ୍ଟି, ସଂହାରକରଣ ସାମର୍ଥ୍ୟ, ଅମରତ୍ୱ, ସର୍ବନାୟକତ୍ୱ, ଭାବନା, ସିଦ୍ଧି। ଦେବୀ ପୁରାଣ ଅନୁସାରେ ମା'ସିଦ୍ଧିଦାତ୍ରୀଙ୍କ କୃପାରୁ ଭଗବାନ ଶଙ୍କର ଏ ସମସ୍ତ ସିଦ୍ଧି ପ୍ରାପ୍ତ ହୋଇଛନ୍ତି। ସେଥିପାଇଁ ସେ ତାଙ୍କର ଅର୍ଦ୍ଧାଙ୍ଗରେ ସର୍ବଦା ଦେବୀଙ୍କୁ ଧାରଣ କରିଛନ୍ତି। ଏହି କାରଣରୁ ଶିବ ଅର୍ଦ୍ଧନାରୀଶ୍ୱର ନାମରେ ଜଗତରେ ବିଖ୍ୟାତ।

+କ୍ୟାମ୍ପ ଅଫିସର, ରକ୍ତ ଭଣ୍ଡାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୮୨୬୦୪୦୮୮୩୬






## ଶରତ ଆଣିଛି ଶୋଭର ଭଣ୍ଡାର

### ପ୍ରଶାନ୍ତ କୁମାର ଦାଶ

ପଠାରେ ସୁନ୍ଦର୍ ଦିଶୁଛି ଦିନରେ
ଧଳା କାଶତଣ୍ଡୀ ରୂପ
ଧରିଛନ୍ତି ସଫା ନିରିମଳ ଜଳ
ପୋଖରୀ ତଟିନୀ କୂପ ।।
ନାହିଁ ସଡକରେ
କାଦୁଅ ଗୋଳିଆ
ଅଳିଆ ଅସନା ପାଣି
ଶରତ ଆଣିଛି ଶୋଭାର ସମ୍ଭାର
ସବୁଜ ସୁଷମା ଠାଣି ।।

ଥିରି ଥିରି ବାଆ ବୋହିଲେ ଲାଗୁଚି
ଦେହକୁ ଅଳପ ଶୀତ
ଦୂର ଗହୀରରୁ ଶୁଭୁଚି ଚାଷୀର
ମନଭୁଲାଣିଆ ଗୀତ ।।

ଶରତ ବାଣ୍ଟୁଚି କେତେ ଓଠେ ହସ
ଅଣିଣ ଦଉଚି ଖୁସୀ
ରାତି ଜହ୍ନ ଦେଖି ପିଲାଏ ଖେଳନ୍ତି
ବୋହୂଚୋରୀ ଲୁଷା ଲୁଷି ।।
ଆବେଗର ଢେଉ ଖେଳାଇ ନଈଟି
ଯାଉଚି ଦୂରକୁ ଧାଇଁ
ଭକତ ରହିଛି ପୂଜିବ ଚରଣ
ମାଆଙ୍କର ବାଟ ଚାହିଁ ।।
ରାତି ହେଲେ ଦେଖି ରୁପାଜହ୍ନ ମୁଖ
କଇଁଫୁଲ ଦିଏ ହସି
ଦୂର ବିଦେଶରୁ ଆସିବାକୁ ପୁଅ
ବୋଉ ଲେଖେ ଚିଠି ବସି ।।
ବରଷକ ପରେ ଫେରିଛି ଧରାକୁ
ଶରତର ଶୁଭବେଳା
ହେବ ଦେବୀପୂଜା ବାଜିବତ ବାଜା
ହେବ ଭୋଜିଭାତ ମେଳା ।।

+କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ପ୍ରକୃତ ବନ୍ଧୁ

### ସଦାଶିବ ବିଶ୍ୱାଳ



ପ୍ରକୃତ ବନ୍ଧୁ ସିଏ, ଯିଏ
ସଦା ସାଥିରେ ରହେ
କିବା ଦୁଃଖ କିବା ସୁଖ
ଫରକ ନ ଥାଏ

ସବୁ ସାମାଜିକ ଉତ୍ସବ
ତା ପାଇଁ ଏକାପରି
ହେଉ ସେ ବିବାହ ମଣ୍ଡପ ବା
ସମସାନ, ରାଜା ବା ଭିକାରି

ପ୍ରତ୍ୟେକ କ୍ଷେତ୍ରରେ ସାଥେ ଥାଏ
ଅହର୍ନିସୀ ଛାଇଟିଏପରି
ହାତ ମିଶାଏ କଷ୍ଟ ପାଇଟିରେ
ସାଥୀଦିଏ ଭେଟିଲେ ଅଇରୀ

ମନୋଭାବ ରଖେ
ଠିକ ଶ୍ରୀକୃଷ୍ଣଙ୍କ ପରି
ପାଛୋଟି ଆଣେ ସସ୍ନେହରେ
ବନ୍ଧୁତା ରଖେ ସୁଦାମାର
ଦାରିଦ୍ର୍ୟ ଦୂର କରି ।

+ମୋହନଦାସ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ସଭିଙ୍କ ମନ ପସନ୍ଦର ନାୟକ-ଅର୍ଦ୍ଧେନ୍ଦୁ

ବର୍ତ୍ତମାନ ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ ଓଡିଆ ଚଳଚ୍ଚିତ୍ର ଜଗତର ଜଣେ ଆଗ ଧାଡିର ନାୟକ ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି। କାଉଁରୀ କନ୍ୟା ଚଳଚ୍ଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିବା ଅର୍ଦ୍ଧେନ୍ଦୁ ଗେମ୍ ଓଭର୍ ଚଳଚ୍ଚିତ୍ର ପର୍ଯ୍ୟନ୍ତ ୧୦ଟି ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଗତ ରଜକୁ ତାଙ୍କ ଅଭିନୀତ ଚିତ୍ର ଡାଏରୀ ମୁକ୍ତିଲାଭ କରି ବେଶ୍ ସଫଳତା ପାଇଛି। ଚଳିତ ବର୍ଷ ପୂଜାକୁ ତାଙ୍କ ପ୍ରଯୋଜିତ ତଥା ଅଭିନୀତ ଏକ ଭିନ୍ନ ସ୍ୱାଦର ଚିତ୍ର ଗେମ୍ ଓଭର୍ ମୁକ୍ତିଲାଭ କରୁଛି। ପିଲାଟି ଦିନରୁ ଅଭିନୟ ପ୍ରତି ଆଗ୍ରହ ରଖିଥିବା ଅର୍ଦ୍ଧେନ୍ଦୁଙ୍କ ପ୍ରଗାଢ ନିଷ୍ଠା ଓ ଆନ୍ତରିକତା ଯୋଗଁ ଆଜି ସେ ଓଡିଆ ଚଳଚ୍ଚିତ୍ର ଜଗତରେ ଜଣେ ସଫଳ ନାୟକ ଭାବେ ରାଜ କରିପାରିଛନ୍ତି।

ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କ ଘର ଗଞ୍ଜାମ ଜିଲ୍ଲାର ପୋଲସରା ଗ୍ରାମରେ। ବାପା ଆଦିକନ୍ଦ ସାହୁ ଓ ମା'ଶିବଲକ୍ଷ୍ମୀ ସାହୁ ଓ ତିନି ଭଉଣୀଙ୍କୁ ନେଇ ତାଙ୍କ ପିଲା ଦିନ କଟିଛି ପୋଲସରା ଗ୍ରାମରେ। ଖଲ୍ଲିକୋଟର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମାଟ୍ରିକ ପର୍ଯ୍ୟନ୍ତ ପଢିବା ପରେ ବ୍ରହ୍ମପୁର ରୋଲାଣ୍ଡ କଲେଜରେ ଯୁକ୍ତ ଦୁଇ ପାଠ ପଢନ୍ତି। ତା'ପରେ ଭୁବନେଶ୍ୱର ଯାଇ ସେଠାରେ ମହର୍ଷି କଲେଜରେ ଯୁକ୍ତ ତିନି ପଢିବା ପରେ ୟୁନାଇଟେଡ୍ ସ୍କୁଲ ଆଫ୍ ବିଜିନେସ୍ ମ୍ୟାନେଜମେଣ୍ଟରେ ଏମ୍ ବି ଏ କରନ୍ତି। ଅର୍ଦ୍ଧେନ୍ଦୁଙ୍କ ପିଲାଟି ଦିନରୁ ଅଭିନୟ ପ୍ରତି ଦୁର୍ବଳତା ଥିଲା। ସେ କଲେଜରେ ପଢୁଥିବା ବେଳେ କେତୋଟି ଡ୍ରାମାରେ ଅଭିନୟ କରିଛନ୍ତି। ପାଠ ପଢା ପରେ ସେ ପ୍ରଥମେ ତରଙ୍ଗ ଚ୍ୟାନେଲରେ ପ୍ରସାରିତ ବିଗ୍ ବ୍ରେକ୍ ରିଆଲିଟ୍ ସୋ'ରେ ଭାଗ ନେଇଥିଲେ। ଅଭିନୟରେ ତାଲିମ ପାଇବାପାଇଁ ସେ ପ୍ରଖ୍ୟାତ ଅଭିନେତା ଅଜିତ ଦାସଙ୍କ ସହିତ ମିଶନ୍ତି। ଅଜିତ ଦାସ ପ୍ରଥମେ ଅର୍ଦ୍ଧେନ୍ଦୁଙ୍କୁ କହନ୍ତି ଡ୍ରାମ ରିହଲସଲ ଚାଲିଥବା ସମୟରେ ସେଠାରେ ବସି କେମିତି ଅଭିନୟ କରନ୍ତି ତାହା ଦେଖିବାକୁ। ତିନି ମାସ ପରେ କେତୋଟି ଡ୍ରାମାରେ ଅଭିନୟ କରିବାକୁ ଅଜିତ ଦାସ ସୁଯୋଗ ଦେଇଥିଲେ।



ଅର୍ଦ୍ଧେନ୍ଦୁ ରବିନ୍ଦ୍ର ମଣ୍ଡପରେ ଅଜିତ ଦାସଙ୍କ ନାଟକରେ ଅଭିନୟ କରିବା ସମୟରେ ପ୍ରଯୋଜକ ସୌମ୍ୟ ରଞ୍ଜନ ସାହୁ ତାଙ୍କ ଅଭିନୟରେ ପ୍ରଭାବିତ ହୋଇ ତାଙ୍କ କାଉଁରୀ କନ୍ୟା ଚଳଚ୍ଚିତ୍ରରେ ଅଭିନୟ କରିବାକୁ ପ୍ରଥମ ସୁଯୋଗ ଦେଇଥିଲେ। ଏହି ଚିତ୍ରଟି ୨୦୧୩ ମସିହା ସେପ୍ଟମ୍ବର ୨୬ ତାରିଖ ରେ ମୁକ୍ତିଲାଭ କରିଥିଲା। ଏହି ଚିତ୍ର ପରେ ଏନ୍ ପାଢୀଙ୍କ ନିର୍ଦ୍ଦେଶନାରେ ପ୍ରଯୋଜକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ଅ ଆ ହର୍ଷେଇ ଚିତ୍ରରେ ଅଭିନୟ କରିଥିଲେ। ନାୟିକା ବବ୍‌ଲିଙ୍କ ବପକ୍ଷରେ ଅଭିନୟ କରିଥିବା ଏହି ଚିତ୍ରଟି ୨୦୧୫ ଫେବୃୟାରୀ ୬ ତାରିଖରେ ମୁକ୍ତିଲାଭ କରିଥିଲା। କିଛି ଦିନ ପରେ ସେ ମା' ସିଂହାସିନୀ ଫିଲ୍ମସ୍ ନାମରେ ଏକ ପ୍ରଯୋଜନା ସଂସ୍ଥା ଗଠନ କରନ୍ତି। ଏହି ବ୍ୟାନରରେ ପ୍ରଥମେ ନିର୍ମାଣ କରନ୍ତି ବିଶ୍ୱଜିତ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଟୋପରୀ ଚଳଚ୍ଚିତ୍ର। ଉକ୍ତ ଚିତ୍ରରେ କଲିକତାର ଅନ୍ନେଶାଙ୍କୁ ନାୟିକା ଭାବେ ନେଇଥିଲେ। ନିଜ କାହାଣୀରେ ନିର୍ମିତ ଚିତ୍ରଟି ୨୦୧୭ ମସିହା ଏପ୍ରିଲ ୧୭ ତାରିଖ ଦିନ ମୁକ୍ତିଲାଭ କରିଥିଲା। ଏହା ପରେ ସେ ନିର୍ମାଣ କଲେ ଅମିତ୍ ନାୟକଙ୍କ ନିର୍ଦ୍ଦେଶନାରେ ସଂଗୀତଭରା ତଥା ବହୁ ଆଗ ଧାଡିର ତାରକା ଅଭିନୀତ ଚିତ୍ର ବ୍ଲାକ୍‌ମେଲ୍। ରାଜସ୍ଥାନର ମନୋଲଭା ଦୃଷ୍ୟରେ ସୁଟିଂ ହୋଇଥିବା ଏହି ଚିତ୍ରରେ ତମନ୍ନା ବ୍ୟାସ ଓ ଆହାନା ବରାଳ ନାୟିକା ଭାବେ ଅଭିନୟ କରିଥିଲେ। ଏହାର ହାଏରେ ପ୍ରେମର ରଙ୍ଗୋଲି..... , ବୋଉ ମାରିବ...., ଭାବିବା ଆଗରୁ... ଗୀତ ଗୁଡିକ ପ୍ରେମ ଆନନ୍ଦଙ୍କ ସଂଗୀତ ନିର୍ଦ୍ଦେଶନାରେ ବେଶ୍ ଲୋକପ୍ରିୟତା ପାଇଥିଲା। ଚିତ୍ରଟି ୨୦୧୮ ମସିହା ଅଗଷ୍ଟ ୩୧ ତାରିଖ ଦିନ ମୁକ୍ତିଲାଭ କରିଥିଲା। ୨୦୨୦ ମସିହାରେ ନିଜ ଅଭିନୀତ ଓ ପ୍ରଯୋଜିତ ଚିତ୍ର ପରଦେଶୀ ଚଢେଇ ନିର୍ମାଣ କରନ୍ତି କେ.ମୂରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ। ଅନୁଭା ନାୟିକା ଭାବେ ଅଭିନୟ କରିଥିବା ଉକ୍ତ ଚିତ୍ରଟି ୨୦୨୦ ମସିହା ଜାନୁୟାରୀ ୧୦ ତାରଖରେ ମୁକ୍ତିଲାଭ କରିଥିଲା। ୨୦୨୧ ମସିହା ଅକ୍ଟୋବର ୧୦ ତାରିଖ ଦିନ ଜୀ ସାର୍ଥକରେ ମୁକ୍ତିଲାଭ କରିଥିଲା ତାଙ୍କ ଅଭିନୀତ ଷଷ୍ଠରୁ ନଷ୍ଟ ଚିତ୍ର। ଗ୍ୟାଙ୍ଗଷ୍ଟାର ଓ ରାଜନୀତିଜ୍ଞଙ୍କ ଭିତିରି କଥାକୁ ନେଇ ୨୦୨୪ ମସିହା ପୂଜାକୁ ତାଙ୍କ ଅଭିନୀତ ଓ ପ୍ରଯୋଜିତ ଚିତ୍ର ମୁକ୍ତିଲାଭ କରିଥିଲା କେ.ମୂରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ର ଭିଲେନ୍। ଏହି ଚିତ୍ରରେ ତମନ୍ନ ବ୍ୟାସ ନାୟିକା ଭାବେ ଅଭିନୟ କରିଥିଲେ। ଚଳଚ୍ଚିତ୍ରଟି ସଫଳତା ପାଇବା ସହିତ ସେ ଚଳଚ୍ଚିତ୍ର ଜଗତ ସମେତ ଅନେକ ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନୀତ ହୋଇଥିଲେ। ୨୦୨୫ ମସିହା ପୂଜାକୁ ତାଙ୍କ ପ୍ରଯୋଜିତ ତଥା ଅଭିନୀତ ହାଇ ବଜେଟ ଚଳଚ୍ଚିତ୍ର ରିଭେଞ୍ଜ ଭୁକ୍ତିଲାଭ କରି ବେଶ୍ ସଫଳତା ପାଇଛି। ଏହି ଚିତ୍ରରେ ସେ ପ୍ରଥମ ଥର ପାଇଁ ଏଲିନାଙ୍କ ସହିତ ଅଭିନୟ କରୁଛନ୍ତି, ତା ସହିତ ଲୋକପ୍ରିୟ ଧାରାବାହିକ ମହାଭାରତର ଦ୍ୟୁର୍ଯ୍ୟାଧନ ତଥା ହିନ୍ଦି ଚଳଚ୍ଚିତ୍ରର ଖଳନାୟକ ପୁନିତ ଇସାର ଖଳନାୟକ ଭାବେ ଅଭିନୟ କରିଥିଲେ। ଗୌରବ ଆନନ୍ଦଙ୍କ ସଂଗୀତ ନିର୍ଦ୍ଦେଶନାରେ ଗୀତ ଗୁଡିକ ଖୁବ୍ ସ୍ମୃତି ମଧୁର ହେବା ସହିତ ଚଳଚ୍ଚିତ୍ରଟି ବେଶକ ସଫଳତା ହାସଲ କରିଥିଲା। ଚଳିତ ବର୍ଷ ରଜକୁ ସୁଶାନ୍ତ ମଣି ନିର୍ଦ୍ଦେଶିତ ତଥା ତାଙ୍କ ପ୍ରଯୋଜିତ ଓ ଅଭିନୀତ ଡାଏରୀ ଚିତ୍ର ମୁକ୍ତିଲାଭ କର ସଫଳତା ହାସଲ କରିଛି। ଚଳିତ ବର୍ଷ ପୂଜାକୁ ତାଙ୍କ ଅଭିନୀତ ତଥା ପ୍ରଯୋଜିତ ଗେମ୍ ଓଭର୍ ଚିତ୍ର ମୁକ୍ତିଲାଭ କରିବ। ଏହି ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରାଜା ଡି. ଏବଂ ନାୟିକା ଭାବେ ସୁପ୍ରିୟା ଅଭିନୟ କରିବା ସହିତ ମହାଶ୍ୱେତା ମଧ ଅଭିନୟ କରିଛନ୍ତି। ଚିତ୍ରଟି ସଫଳତା ପାଇବ ବୋଲି ସେ ବେଶ ଆଶାବାଦୀ।

ଉପସ୍ଥାପନା: ଗୌରୀ ଶଙ୍କର ପଣ୍ଡା
ଗୁଣପୁର, ଜି-ରାୟଗଡା

# କରିସ୍ମା କପୁରଙ୍କ ପୋଷାକ ଦେଖି ବିରକ୍ତ ହୋଇଥିଲେ ସଲମାନ ଖାନ୍, ସୁଟିଂ ପାଇଁ ମନା କରିଥିଲେ



ଲୋକପ୍ରିୟ ଚାଟ୍ ଶୋ' 'କଫି ୱିଥ୍ କରନ୍'ର ୯ମ ତଥା ଅନ୍ତିମ ସିଜିନ୍ ଆରମ୍ଭ ହୋଇଯାଇଛି। ଏହି ଶୋ'ର ପ୍ରଥମ ଏପିସୋଡ୍‌ରେ ବଲିଉଡ୍ ସୁପରଷ୍ଟାର୍ ସଲମାନ ଖାନ୍ ଏବଂ ଅଭିନେତ୍ରୀ କରିସ୍ମା କପୁର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦୁହେଁ ନିଜର ବ୍ୟକ୍ତିଗତ ଜୀବନ, କ୍ୟାରିୟର୍ ଏବଂ ପୁରୁଣା ସ୍ମୃତିକୁ ନେଇ ଅନେକକଥା ସେୟାର କରିଛନ୍ତି। ସେଥିମଧ୍ୟରୁ ଫିଲ୍ମ 'ଦୁଲହନ୍ ହମ ଲେ ଜାଏଙ୍ଗେ'ର ସୁଟିଂ ସମୟର ଏକ ମଜାଦାର ଘଟଣା ଏବେ ଚର୍ଚ୍ଚାରେ ରହିଛି।

ଶୋ'ରେ କରିସ୍ମା କପୁର ଖୁଲାସା କରିଛନ୍ତି ଯେ, ଏକଦା ଫିଲ୍ମ 'ଦୁଲହନ୍ ହମ୍ ଲେ ଜାଏଙ୍ଗେ'ର ସୁଟିଂ ବେଳେ ସଲମାନ ଖାନ୍ ତାଙ୍କ ପୋଷାକକୁ ନେଇ କ୍ଷୁବ୍ଧ ହୋଇଥିଲେ। କରିସ୍ମା ନିଜ ଲୁକ୍ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିବାକୁ ଚାହୁଁଥିଲେ ଏବଂ ଏକ ସ୍ୱତନ୍ତ୍ର ପୋଷାକ ପିନ୍ଧିଥିଲେ। କିନ୍ତୁ ସଲମାନ ଏହାକୁ ଦେଖି କହିଥିଲେ, "ତୁମେ ଏ କ'ଣ ପିନ୍ଧିଛ ?" କରିସ୍ମା ଯେତେ ବୁଝାଇଲେ ମଧ ସଲମାନ ସେହି ପୋଷାକରେ ସୁଟିଂ କରିବାକୁ ସଫା ସଫା ମନା କରିଦେଇଥିଲେ।

ପରେ କରିସ୍ମାଙ୍କୁ ଏନେଇ ନିର୍ଦ୍ଦେଶକ ଡେଭିଡ୍ ଧୱନଙ୍କ ନିକଟରେ ଅଭିଯୋଗ କରିବାକୁ ପଡ଼ିଥିଲା। କରିସ୍ମା କହିଛନ୍ତି ଯେ ଡ୍ରେସଟି ଅତ୍ୟନ୍ତ ଛୋଟ ଥିବାରୁ ନାଚିବା ସମୟରେ ଅସୁବିଧା ହେବ ବୋଲି ସଲମାନ ଆପତ୍ତି ଉଠାଇଥିଲେ। ଏହି ସମୟରେ କରନ୍ ଜୋହର୍ ଯେତେବେଳେ କରିସ୍ମାଙ୍କ ସହ ସଲମାନଙ୍କ ପୂର୍ବତନ ସମ୍ପର୍କ ବିଷୟରେ ପଚାରିଥିଲେ, ସଲମାନ ମଜାରେ କହିଥିଲେ ଯେ କରିସ୍ମା ତାଙ୍କୁ ଛାଡ଼ି ଅନ୍ୟତ୍ର ବିବାହ କରିଦେଇଥିବାରୁ ତାଙ୍କ ହୃଦୟ ଭାଙ୍ଗି ଯାଇଥିଲା। ସଲମାନଙ୍କ ଏଭଳି ରୋମାଞ୍ଚକର ଏବଂ ହସାଉଥିବା ଢଙ୍ଗ ଶୋ'ର ପରିବେଶକୁ ବେଶ୍ ଆନନ୍ଦଦାୟକ କରିଥିଲା।

# ବଲିଉଡ୍ ପଦାର୍ପଣ ନେଇ ଉତ୍ସାହିତ

ବହୁ ପ୍ରତୀକ୍ଷିତ ସିନେମା 'ରାମାୟଣ'ର ରିଲିଜ୍ ତାରିଖ ପାଖେଇ ପାଖେଇ ଆସୁଥିବା ବେଳେ ଦର୍ଶକଙ୍କ ଉତ୍ସାହ ବଢ଼ିବାରେ ଲାଗିଛି। ଏଥିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅନୁଜ ଲକ୍ଷ୍ମଣଙ୍କ ଭୂମିକାରେ ନଜର ଆସିବେ ଅଭିନେତା ରବି ଦୁବେ। ସେ ପୂର୍ବରୁ ଅନେକ ଟେଲିଭିଜନ୍ ସୋ'ରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବେଳେ ଏହା ତାଙ୍କର ପ୍ରଥମ ବଲିଉଡ୍ ସିନେମା। ନିର୍ଦ୍ଦେଶକ ନିତେଶ ତିୱାରୀଙ୍କ ଏହି ସିନେମାରେ ରବି ଦୁବେଙ୍କ ଲୁକ୍‌କୁ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଛି। ଟ୍ରେଲର ରିଲିଜ୍ ହେବା ପରେ ଲକ୍ଷ୍ମଣ ଭାବେ ଦର୍ଶକ ତାଙ୍କୁ ଖୋଲାହୃଦୟରେ ଗ୍ରହଣ କରିଛନ୍ତି। ଲକ୍ଷ୍ମଣଙ୍କ ଭଳି ଚରିତ୍ରରେ ଅଭିନୟ କରିବା ତାଙ୍କ ପାଇଁ ଗର୍ବ ଓ ସମ୍ମାନର ବିଷୟ ବୋଲି କହିଛନ୍ତି ରବି। ଏହି ଚରିତ୍ରର ଗଭୀରତା ଓ ମହତ୍ତ୍ୱକୁ ଠିକ୍ ଭାବରେ ପରଦାରେ ଉପସ୍ଥାପନ କରିବା ସହ ଏହା ସହିତ ଜଡ଼ିତ ଦାୟିତ୍ୱକୁ ସେ ଭଲଭାବେ ବୁଝିଛନ୍ତି। ଟ୍ରେଲର ଦେଖି ଦର୍ଶକ ଯେଉଁଭଳି ଭାବେ ଭଲପାଇବା ଓ ପ୍ରଶଂସା ଅଜାଡ଼ି ଦେଇଛନ୍ତି; ସେଥିପାଇଁ ସେ ଦର୍ଶକଙ୍କ ନିକଟରେ କୃତଜ୍ଞତା ବ୍ୟକ୍ତ କରିଛନ୍ତି। ହଜାର ହଜାର ବର୍ଷ ଧରି ଲୋକଙ୍କ ହୃଦୟ ଓ ମନରେ ବସା ବାନ୍ଧିଥିବା ଲକ୍ଷ୍ମଣଙ୍କ ଚରିତ୍ରରେ ଅଭିନୟ କରିବା ନିଜ ପାଇଁ ଏକ ବିରଳ ଅନୁଭୂତି ବୋଲି ରବି ବିଶ୍ୱାସ କରନ୍ତି। ଉଲ୍ଲେଖଯୋଗ୍ୟ, ଚଳଚ୍ଚିତ୍ରରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଭୂମିକାରେ ଅଭିନେତା ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ, ହନୁମାନଙ୍କ ଭୂମିକାରେ ସନ୍ନି ଦେଓଲ ଏବଂ ରାବଣଙ୍କ ଭୂମିକାରେ ଯଶ୍ ଅଭିନୟ କରୁଛନ୍ତି। ଏହା ଦୁଇଟି ଭାଗରେ ନିର୍ମାଣ ହେଉଛି। ପ୍ରଥମ ଭାଗ ଚଳିତବର୍ଷ ନଭେମ୍ବର ୫ରେ ମୁକ୍ତିଲାଭ କରିବାର ଯୋଜନା ରହିଥିବା ବେଳେ ଦ୍ୱିତୀୟ ଭାଗ ୨୦୨୭ ମସିହାର ଦୀପାବଳିରେ ଆସିବାର ଯୋଜନା ଅଛି।





# କୋଟି କୋଟି ଟଙ୍କା ବାଣ୍ଟି ମଧ କେମିତି ମାଲାମାଲ୍ ହୁଏ 'କେବିସି' ? : ଜାଣନ୍ତୁ ଏହାର ରୋଜଗାରର ଗୁପ୍ତ ରହସ୍ୟ



ଟେଲିଭିଜନର ସବୁଠାରୁ ଲୋକପ୍ରିୟ ରିଆଲିଟି ଶୋ' 'କୌନ୍ ବନେଗା କରୋଡ଼ପତି' ଦର୍ଶକଙ୍କୁ କେବଳ ମନୋରଞ୍ଜନ ଯୋଗାଏ ନାହିଁ, ବରଂ ଏହାର 'ହଟ୍ ସିଟ୍'ରେ ବସି ଅନେକ ସାଧାରଣ ଲୋକ ଲକ୍ଷପତି ହୋଇପାରନ୍ତି। ତେବେ ଏହି ଶୋ' ପ୍ରତିବର୍ଷ ଲୋକଙ୍କୁ କୋଟି କୋଟି ଟଙ୍କା ପୁରସ୍କାର ଭାବେ ବାଣ୍ଟୁଥିବା ବେଳେ ଏହା ନିଜେ କିପରି ଏତେ ପରିମାଣରେ ଟଙ୍କା ରୋଜଗାର କରେ, ତାହା ସାଧାରଣତଃ ସମସ୍ତଙ୍କ ମନରେ ପ୍ରଶ୍ନ ଆଣେ। ପ୍ରକୃତରେ, ଲୋକଙ୍କୁ ଧନୀ କରୁଥିବା ଏହି ଶୋ' କୌଣସି କ୍ଷତିରେ ନ ରହି ପ୍ରତିବର୍ଷ କୋଟିକୋଟି ଟଙ୍କାର ଲାଭ କମାଇଥାଏ। ଏହାର ସମସ୍ତ ଗଣିତ ଏକ ଦୃଢ଼ ବ୍ୟବସାୟିକ ମଡେଲ୍‌ଉପରେ ପର୍ଯ୍ୟବସିତ।

କୌନ୍ ବନେଗା କରୋଡ଼ପତିର ରୋଜଗାରର ମୁଖ୍ୟ ମାଧ୍ୟମ ହେଉଛି ବିଜ୍ଞାପନ। ଟିଭିରେ ଶୋ' ଚାଲିଥିବା ସମୟରେ ଆସୁଥିବା କ୍ଷୁଦ୍ର ବିରତି (ପାଇଁ ଚ୍ୟାନେଲ୍ ଗୁଡ଼ିକ ବିଭିନ୍ନ କମ୍ପାନୀଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରିଥାନ୍ତି। କେବିସିର ଟିଆରପି ଏତେ ଅଧିକ ରହେ ଯେ ଦେଶବିଦେଶର ବଡ଼ବଡ଼ କମ୍ପାନୀମାନେ ନିଜର ଉତ୍ପାଦ ପ୍ରଚାର କରିବା ପାଇଁ ଆଗ୍ରହୀ ଥାଆନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶୋ' ମଧ୍ୟରେ ମାତ୍ର ୧୦ ସେକେଣ୍ଡର ବିଜ୍ଞାପନ ଦେଖାଇବା ପାଇଁ କମ୍ପାନୀଗୁଡ଼ିକ ଲକ୍ଷ ଲକ୍ଷ ଟଙ୍କା ଦେଇଥାନ୍ତି। ଗୋଟିଏ ଘଣ୍ଟାର ଶୋ'ରେ ଏପରି ଅନେକ ମିନିଟ୍‌ର ବିଜ୍ଞାପନ ଦ୍ୱାରା ଚ୍ୟାନେଲକୁ ଗୋଟିଏ ରାତିରେ କୋଟି କୋଟି ଟଙ୍କାର ସିଧାସଳଖ ଆୟ ହୋଇଥାଏ।

ସ୍ପନ୍ସରସିପ୍: ବିଜ୍ଞାପନ ବ୍ୟତୀତ ଦ୍ୱିତୀୟ ସର୍ବବୃହତ୍ ଆୟର ଉତ୍ସ ହେଉଛି ସ୍ପନ୍ସରସିପ୍। ଶୋ ଆରମ୍ଭରେ ଆପଣ ଶୁଣିଥିବେ ଯେ ଏହା କୌଣସି ନିର୍ଦ୍ଦିଷ୍ଟ କମ୍ପାନୀ ଦ୍ୱାରା ପ୍ରସ୍ତୁତ କିମ୍ବା ପାୱାର୍ଡ ବାଏ ହୋଇଥାଏ। ଏହାଛଡ଼ା, ଶୋ' ଭିତରେ ବ୍ୟବହୃତ ପ୍ରତ୍ୟେକ ଜିନିଷ କୌଣସି ନା କୌଣସି କମ୍ପାନୀ ଦ୍ୱାରା ପ୍ରାୟୋଜିତ ହୋଇଥାଏ। ଯେପରିକି- ଲାଇଫ୍‌ଲାଇନ୍ ବ୍ୟବହାର କରିବା ସମୟରେ କୌଣସି ଟେଲିକମ୍ କିମ୍ବା ଟେକ୍ କମ୍ପାନୀର ନାମ ନିଆଯିବା, ପ୍ରତିଯୋଗୀଙ୍କୁ ମିଳୁଥିବା ଚେକ୍‌ର ବ୍ୟାଙ୍କ୍ କିମ୍ବା ହଟ୍ ସିଟ୍ ପର୍ଯ୍ୟନ୍ତ ପହଞ୍ଚାଉଥିବା 'ଫାଷ୍ଟେଷ୍ଟ୍ ଫିଙ୍ଗର୍ ଫାଷ୍ଟ୍' ରାଉଣ୍ଡ ମଧ ବଡ଼ ବଡ଼ କମ୍ପାନୀଙ୍କ ଦ୍ୱାରା ସ୍ପନ୍ସର୍ କରାଯାଇଥାଏ। ଶୋ' ଆରମ୍ଭ ହେବା ପୂର୍ବରୁ ହିଁ ଏହି ସମସ୍ତ ଶୀର୍ଷକ ଏବଂ ଆସୋସିଏଟ୍ ସ୍ପନ୍ସରମାନଙ୍କ ସହିତ ଶହ ଶହ କୋଟି ଟଙ୍କାର ଅଗ୍ରୀମ ଚୁକ୍ତି ପକ୍କା ହୋଇଯାଇଥାଏ, ଯାହା ଶୋ'ର ସମସ୍ତ ଖର୍ଚ୍ଚ ଏବଂ ପୁରସ୍କାର ରାଶିକୁ ସହଜରେ ଭରଣା କରିଥାଏ।

ଡିଜିଟାଲ୍ ରାଇଟ୍ସ, ଓଟିଟି ଏବଂ ମୋବାଇଲ୍ ଆପ୍ ଜରିଆରେ ଅତିରିକ୍ତ ଆୟ:

ଆଜିର ଡିଜିଟାଲ୍ ଯୁଗରେ କେବିସି କେବଳ ଟିଭି ପରଦାରେ ସୀମିତ ନାହିଁ। **SonyLIV** ପରି ଓଟିଟି ପ୍ଲାଟଫର୍ମରେ କୋଟି କୋଟି ଦର୍ଶକ ଏହାକୁ ଲାଇଭ୍ କିମ୍ବା ପରେ ଦେଖିଥାନ୍ତି। ଓଟିଟିରେ ଶୋ' ପ୍ରସାରଣ ପାଇଁ ଡିଜିଟାଲ୍ ସବ୍‌ସକ୍ରିପ୍ସନ୍ ଏବଂ ସେଠାରେ ପ୍ରଦର୍ଶିତ ହେଉଥିବା ବିଜ୍ଞାପନରୁ ମଧ ପ୍ରଚୁର ପରିମାଣରେ ଆୟ ହୋଇଥାଏ।

ଏହାବ୍ୟତୀତ, '**KBC Play Along**' ଆପ୍ ଜରିଆରେ ଘରେ ବସି କୋଟି କୋଟି ଦର୍ଶକ ମୋବାଇଲ୍‌ରେ ଗେମ୍ ଖେଳିଥାନ୍ତି। ଏହି ଗେମ୍‌ରେ ଭାଗ ନେବା ଏବଂ ପୁରସ୍କାର ଜିତିବା ଦୌଡ଼ରେ ସାମିଲ ହେବା ପାଇଁ ଲୋକେ ଆପ୍ ବ୍ୟବହାର କରନ୍ତି, ଯାହାଫଳରେ ଆପ୍ ଡାଉନଲୋଡ୍ ଏବଂ ୟୁଜର୍ ଏଙ୍ଗେଜମେଣ୍ଟ ବୃଦ୍ଧି ପାଇଥାଏ। ଏହି ଡିଜିଟାଲ୍ ନେଟୱାର୍କ ମଧ ନିର୍ମାତାମାନଙ୍କ ପାଇଁ ପ୍ରତିଦିନ ଆୟର ଏକ ନୂତନ ଏବଂ ବୃହତ୍ ମାଧ୍ୟମ ପାଲଟିଛି।

# ପ୍ରତ୍ୟେକ ନାଟକରେ ସମାଜ ପାଇଁ ବାର୍ତ୍ତା ରହିବା ଉଚିତ୍: ଅଧାପକ ବେଣୁଧର ପରିଡ଼ା

ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ଜଣେ ପରିଚିତ ମଣିଷ ହେଉଛନ୍ତି ଅଧାପକ ବେଣୁଧର ପରିଡ଼ା। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ସେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ଓ ମାତା ଙ୍କ ଆଶୀର୍ବାଦରୁ ସେ କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି। ବର୍ତ୍ତମାନ ଶ୍ରୀ ପରିଡ଼ା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ବେତଡ଼ା ରେ ବରିଷ୍ଠ ଓଡିଆ ଅଧ୍ୟାପକ ଭାବେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଉଛନ୍ତି। ଶ୍ରୀ ପରିଡ଼ା ଜଣେ ସଫଳ ସାହିତ୍ୟିକ,ଅଭିନେତା ଓ ସମାଜସେବୀ। ଓଡ଼ିଶାର ଅନେକ ସାହିତ୍ୟ ପତ୍ରିକା ଓ ଦୈନିକ ଖବର କାଗଜ ରେ ଶ୍ରୀ ପରିଡ଼ାଙ୍କ କବିତା,ଗଳ୍ପ ଓ ପ୍ରବନ୍ଧ ପ୍ରକାଶ ପାଇଛି ଏବଂ ପାଠକୀୟ ପ୍ରଶଂସା ଲାଭ କରିଛି। ଆଜିର ନାଟକ ସମ୍ପର୍କରେ ଶ୍ରୀ ପରିଡ଼ା କୁହନ୍ତି ପ୍ରତ୍ୟେକ ନାଟକରେ ସମାଜ ପାଇଁ ବାର୍ତ୍ତା ରହିବା ଉଚିତ୍। ଯାତ୍ରା ଜଗତର ସୁପର୍ ହିଟ୍ ନାଟକ ଓ ପୁରାତନ ଓଡିଆ ଚଳଚ୍ଚିତ୍ର କୁ ଶ୍ରୀ ପରିଡ଼ା ଅଧିକାଂଶ ସମୟରେ ଆଲୋଚନା କରନ୍ତି। ଶ୍ରୀ ପରିଡ଼ା ଙ୍କ ପ୍ରିୟ ସାହିତ୍ୟିକ ହେଉଛନ୍ତି ବିଶିଷ୍ଟ କବି ସଚ୍ଚି ରାଉତରାୟ, ଗାଳ୍ପିକ ମନୋଜ ଦାସ,ମାୟାଧାର ମାନସିଂହ, ବିନୋଦ ନାୟକ,ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ଡ଼କ୍ଟର ହୃଷୀକେଶ ପଣ୍ଡା ଆଇ ଏ ଏସ, କବି ରମାକାନ୍ତ ରଥ,ସୀତାକାନ୍ତ ମହାପାତ୍ର, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, କବି ସୀତାଂଶୁ ଲେଙ୍କା, କବି ଲୋପାମୁଦ୍ରା ନାୟକ । ଅଧିକାଂଶ ସମୟରେ ଶ୍ରୀ ପରିଡ଼ା ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥାନ୍ତି। ବାସୁଦେବପୁର ବ୍ଲକର ବରଣ୍ଡୁଆ ଜଗବନ୍ଧୁ ଉଚ୍ଚ ବିଦ୍ୟାପୀଠରେ ଶ୍ରୀ ପରିଡ଼ା ଦୀର୍ଘ ବର୍ଷ ପୂର୍ବରୁ ପାଠ ପଢୁଥିଲେ। ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଇ ଶ୍ରୀ ପରିଡ଼ା ସେମାନଙ୍କୁ ଉପଯୁକ୍ତ ମଣିଷ କରି ପାରିଛନ୍ତି। ଅନେକ ନାଟକରେ ଶ୍ରୀ ପରିଡ଼ା ଅଭିନୟ କରିଛନ୍ତି। ପଦ୍ମ ପୁଷ୍ପ ପରି କାନ୍ତ କୋମଳ ହୃଦୟରେ ଶ୍ରୀ ପରିଡ଼ା ସମସ୍ତଙ୍କୁ ମଧୁର ବ୍ୟବହାରରେ ବାନ୍ଧି ଦିଅନ୍ତି। ଈଶ୍ୱରଙ୍କ କୃପାରୁ ଶ୍ରୀ ବେଣୁଧର ପରିଡ଼ାଙ୍କ ସମସ୍ତ ସ୍ୱପ୍ନ ଓ ଆଶା ପୂରଣ ହେଉ ଏବଂ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହାହିଁ କାମନା।



ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ଅନ୍ତାଡାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅସୁରକ୍ଷିତ ବିଲ୍ଡିଙ୍ଗ: କେତେବେଳେ ବି ଘଟିପାରେ ଅଘଟଣ, କର୍ତ୍ତୃପକ୍ଷଙ୍କ ନାହିଁ ନିଘା



ନୀଳଗିରି ,୧୫/୧୦ (ନି.ପ୍ର): ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତରେ ୨୦୧୦ମସିହାରେ ପ୍ରତିଷ୍ଠିତ ହୋଇଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଅର୍ଦ୍ଧନିର୍ମିତ ବିଲ୍ଡିଙ୍ଗଟି ଏବେ ଅସୁରକ୍ଷିତ ହୋଇ ଡେମୋକ୍ଲିସଙ୍କ ଖଣ୍ଡାଭଳି ଝୁଲି ରହିଥିବା ଦେଖିବାକୁ ମିଳିଛି। କେତେବେଳେ ଯେ ଅଘଟଣ ଘଟି ଧନଜୀବନ ହାନୀ ନହେବ ତାହା କିଏ କହିପାରିବ। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାରମ୍ବାର ସ୍ଥାନୀୟ ଲୋକପ୍ରତିନିଧି, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଉକ୍ତ ବିଲ୍ଡିଂକୁ ଲାଗି ବିଦ୍ୟାଳୟର କ୍ଲାସରୁମ୍ ଏବଂ କାର୍ଯ୍ୟାଳୟ ଥିବାରୁ କେତେବେଳେ ଅଘଟଣ ଘଟି କୋମଳମତି ଶିଶୁ ଏବଂ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅମୂଲ୍ୟ ଜୀବନ ନଯିବ କିଏ କହିପାରିବ। ତେଣୁ ବେଳହୁଁ ସାବଧାନ ନହେଲେ ଅଘଟଣ ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଉକ୍ତ ଅସୁରକ୍ଷିତ ବିଲ୍ଡିଙ୍ଗକୁ ଭାଙ୍ଗିଦେବା କିମ୍ବା ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।

# କାମରେ ଲାଗୁନି ଲକ୍ଷାଧିକ ଟଙ୍କାର ଗୋଷ୍ଠୀ ଶୌଚାଳୟ : ଚମ୍ପୁଆ ଏନଏସିର ଅପାରଗତାକୁ ନେଇ ଜନଅସନ୍ତୋଷ

ଚମ୍ପୁଆ,୧୫/୧୦ (ନି.ପ୍ର): ଲୋକଙ୍କୁ ସ୍ୱଚ୍ଛ ପରିବେଶ ଓ ମଳମୁକ୍ତ ଗାଁର ଭେଟି ଦେବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ସରକାରୀ ଅର୍ଥ ପାଣିରେ ପଡ଼ିବା ସହ ଜନସାଧାରଣ ଏହାର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଚମ୍ପୁଆ ଏନଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ପାଂଚ ପୋଖରୀଆ ଗ୍ରାମରେ। ସୂଚନା ଅନୁଯାୟୀ, ଗ୍ରାମର ସ୍ୱଚ୍ଛତା ବଜାୟ ରଖିବା ଲକ୍ଷ୍ୟରେ ଆର୍ଥିକ ବର୍ଷ ୨୦୧୮-୧୯ ରେ ଗାଁ ମୁଣ୍ଡରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏଥିପାଇଁ ସରକାରୀ ତହବିଲରୁ ପ୍ରାୟ ୧,୭୦,୦୯୬ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଶୌଚାଳୟ ନିର୍ମାଣ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆଶା ସଂଚାର ହୋଇଥିଲା ଯେ ଏଣିକି ସେମାନେ ବାହାରେ ଶୌଚ ହେବା ସମସ୍ୟାରୁ ମୁକ୍ତି ପାଇବେ। ମାତ୍ର ନିର୍ମାଣର କିଛି ଦିନ ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହି ଗୋଷ୍ଠୀ ଶୌଚାଳୟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷ ବର୍ଷ ଧରି ଏଠାରେ ଥିବା ପାଣି ଟାଙ୍କିରେ ଟୋପାଏ ହେଲେ ପାଣି ରହୁନାହିଁ। ପାଣି ବିନା ଏହା ସମ୍ପୂର୍ଣ୍ଣ ଅଦରକାରୀ ହୋଇ ପଡ଼ିଛି। ଏନଏସି କର୍ତ୍ତୃପକ୍ଷଙ୍କ ଆଖିବୁଜା ନୀତି ଯୋଗୁଁ ଆଜି ଶୌଚାଳୟ ଚାରିପଟେ ଲତା ଓ ଜଙ୍ଗଲୀ ବୁଦା ମାଡ଼ି ଗଲାଣି। ସରକାରଙ୍କ ବିପୁଳ ଅର୍ଥ ଖର୍ଚ୍ଚ ହୋଇ ମଧ ଏହା କାହାରି କାମରେ ଲାଗୁ ନଥିବାରୁ ସ୍ଥାନୀୟ ଅଂଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି।

# ଝାରସୁଗୁଡ଼ାରେ ବିଭିନ୍ନ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୫/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଏକାଧିକ କ୍ୟାରିୟର କାଉନସେଲିଂ ଆଉଟରିଚ୍ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ନବମ ଓ ଦଶମ ଶ୍ରେଣୀ ପରେ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ତଥା ରୋଜଗାରକ୍ଷମ ପାଠ୍ୟକ୍ରମ ଚୟନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସଚେତନ ଓ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିଛି। କାର୍ଯ୍ୟକ୍ରମ ଶୃଙ୍ଖଳାର ପ୍ରାରମ୍ଭରେ ଗତ ୭ ଅକ୍ଟୋବରରେ ବ୍ରଜରାଜନଗରସ୍ଥିତ ପିଏମ୍ ଶ୍ରୀ ଓପିଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୯୨ ଜଣ ଛାତ୍ରୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର, ମ୍ୟାନେଜର, ୟଙ୍ଗ୍ ପ୍ରୋଫେସନାଲ ଏବଂ ସରକାରୀ ଓଟିଓ ତଥା ଔରଙ୍ଗ କଲେଜର ଅଧ୍ୟାପକମାନେ ଯୋଗଦେଇ ବୈଷୟିକ ଶିକ୍ଷା ସହିତ ସରକାରୀ ଯୋଜନା ଅଧୀନରେ ଥିବା ଉଦ୍ୟୋଗୀକରଣ ଓ ଷ୍ଟାର୍ଟଅପ୍ ସୁଯୋଗ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ସେହିପରି ୯ ଅକ୍ଟୋବରରେ କୋଲାବିରା ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିବିରରେ ୪୬ ଜଣ ଛାତ୍ରଛାତ୍ରୀ ଯୋଗଦେଇ ଦକ୍ଷତା ବିକାଶ ଓ ଭବିଷ୍ୟତ କ୍ୟାରିୟର ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଗ୍ରହଣ କରିଥିଲେ। ଏହା ପରେ ୧୨ ଅକ୍ଟୋବର ଦିନ ଝାରସୁଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୯୬ ଜଣ ଛାତ୍ରୀଙ୍କୁ ନେଇ କାଉନସେଲିଂ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇ ଗତ ୧୩ ଅକ୍ଟୋବରରେ ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୯ ଜଣ ଏବଂ ଏଚ୍. କଟାପାଲିସ୍ଥିତ ରତ୍ନାକର ଉଚ୍ଚ ବିଦ୍ୟାଳୟରେ ୫୩ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପୃଥକ ପୃଥକ ଅଧିବେଶନ କରାଯାଇଥିଲା।

# ଝାରସୁଗୁଡ଼ାରେ ବ୍ଲକସ୍ତରୀୟ ସେବା ସେତୁ ଅଭିଯାନ : ଜନଅଭିଯୋଗ ଶୁଣିଲେ ବିଧାୟକ

ଝାରସୁଗୁଡ଼ା,୧୫/୧୦ (ନି.ପ୍ର): ସରକାରୀ ଯୋଜନାର ସୁଫଳ ଯେପରି ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ସହଜରେ ପହଂଚିପାରିବ, ସେଥିପାଇଁ ସରକାର ପ୍ରତିବଦ୍ଧ। ଜନସାଧାରଣଙ୍କୁ ସୁଗମ, ସ୍ୱଚ୍ଛ ଓ ସହଜ ଉପାୟରେ ସରକାରୀ ସେବା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ଏଚ୍. କଟାପାଲି ପଂଚାୟତର କେ.ବି. ହାଇସ୍କୁଲ ପଡ଼ିଆରେ ଆଜି ଆୟୋଜିତ ବ୍ଲକସ୍ତରୀୟ 'ସେବା ସେତୁ ଅଭିଯାନ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ତ୍ରିପାଠୀ ଏହା କହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ସଦାକର କୁମ୍ଭାର, ବିଡିଓ ଅନିଲ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ହେମରଞ୍ଜନ ସିଂ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ଆଲୋକ ସାହୁ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ସ୍ଥାନୀୟ ଅଂଚଳବାସୀଙ୍କ ସହ ସିଧାସଳଖ ମତ ବିନିମୟ କରିବା ସହ ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ଓ ଜନସେବା ସମ୍ପର୍କରେ ଆଲୋଚନା କରିଥିଲେ। ସରକାରୀ ଯୋଜନାର ସୁବିଧା ହିତାଧିକାରୀମାନେ କିପରି ସହଜରେ ପାଇପାରିବେ, ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଜନଅଭିଯୋଗ ଶୁଣାଣି ମଧ ଅନୁଷ୍ଠିତ ହୋଇଥିଲା। ବିଧାୟକ ଅଂଚଳବାସୀଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ଏହାର ତ୍ୱରିତ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଝାରସୁଗୁଡ଼ା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସମବାୟ ବିଭାଗ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଅନ୍ୟ ମହିଳା ଓ ଯୁବତୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ବିଧାୟକ ଶ୍ରୀ ତ୍ରିପାଠୀ ପୁରସ୍କୃତ କରିଥିଲେ। ସେବା ସେତୁ ଅଭିଯାନ ଶିବିରକୁ ନେଇ ସ୍ଥାନୀୟ ଅଂଚଳରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କର୍ମୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ସମବାୟ କ୍ଷେତ୍ରର ବିକାଶ ନେଇ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ

## ଛାତ୍ରଛାତ୍ରୀଙ୍କ ରଙ୍ଗୋଲି କଳା ପ୍ରଦର୍ଶନ ମୁଖ୍ୟ ଆକର୍ଷଣ

ବାରିପଦା ,୧୫/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ସମବାୟ କ୍ଷେତ୍ରର ବିକାଶ, ସରକାରୀ ଯୋଜନାର କାର୍ଯ୍ୟକାରିତା ଏବଂ ସମବାୟ ସମିତିଗୁଡ଼ିକର ନୂତନ ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାରିପଦା ଶ୍ରୀପଦଗଞ୍ଜସ୍ଥିତ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଡିଭିଜନର ସମବାୟ ସମିତି ସମୂହର ଡେପୁଟି ରେଜିଷ୍ଟ୍ରାର ସରୋଜିନୀ ନାୟକ, ବାରିପଦା ସର୍କଲର ସବ-ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଶମ୍ଭୁନାଥ ନାୟକ,



ବୟନଶିଳ୍ପ ବିଭାଗର ସବ-ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ସୁରେନ୍ଦ୍ର କୁମାର ନାଥ, ବୟନ ପର୍ଯ୍ୟବେକ୍ଷିକା ଗୀତାଞ୍ଜଳି ବେହେରା, ହସ୍ତଶିଳ୍ପ ପ୍ରୋତ୍ସାହନ ଅଧିକାରୀ ସୁଭଦ୍ରିକା ସାହୁ ଏବଂ ବାରିପଦା ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପରିଚାଳକ ସମୀର କୁମାର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ବାଙ୍କିଶୋଳ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ପ୍ରତ୍ୟୁଷ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ବିଭିନ୍ନ ସମବାୟ କ୍ଷେତ୍ରର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମବାୟ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଯୋଜନା ଏବଂ ସମବାୟ ସମିତିଗୁଡ଼ିକର ନୂତନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀପଦଗଞ୍ଜ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ରଙ୍ଗୋଲି ଅଙ୍କନ କରାଯାଇଥିଲା. ଶିକ୍ଷୟିତ୍ରୀ ସୁପ୍ରଭା ମଞ୍ଜରୀ ପାତ୍ରଙ୍କ ମାର୍ଗଦର୍ଶନରେ ରାଜଲକ୍ଷ୍ମୀ କାଟୁଆଲ, ଲକ୍ଷ୍ମୀପ୍ରିୟା ନାଏକ, ସୋନା ଖାତୁନ ଓ ଦେବରାଜ ସିଂହ ଏହି କଳା ପ୍ରଦର୍ଶନ କରିଥିଲେ। ସେମାନଙ୍କ ଉତ୍କୃଷ୍ଟ କଳାକୃତି ପାଇଁ ସମବାୟ ବିଭାଗ ପକ୍ଷରୁ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୫/୧୦ (ନି.ପ୍ର): ବ୍ଲକ ଅନ୍ତର୍ଗତ ମୁକ୍ତାପୁର କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଙ୍କୁଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁକ୍ତାପୁର ସରପଂଚ ସୁଦାମ ସେଠି, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟବକ୍ତା ରୂପେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଙ୍ଗିନି ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରାୟ ୧୫୦ ଶିକ୍ଷାର୍ଥୀମାନେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ ନିଜନିଜର କୃତିତ୍ୱ ପ୍ରଦର୍ଶନ କରି ପୁରସ୍କୃତ ମଧ ହୋଇଥିଲେ। ମୁକ୍ତାପୁର ସାଧନ କେନ୍ଦ୍ର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ରାଉତ, ସୁଜାତା ପଣ୍ଡା, ମମତା ବେହେରା, ପଦ୍ମନାଭ ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ପଣ୍ଡା, ଅଞ୍ଜଳୀ ବେହେରା, ନୃସିଂହମଣି ବେହେରା, ଭରତ ନାୟକ, ସନ୍ଧ୍ୟାରାଣୀ ସାହୁ, ଦିଲୀପ ଭୁଜବଳ, ସ୍ନେହଲତା ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ପରିଶେଷରେ ରମେଶ କୁମାର ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଭେଣ୍ଡର ଆଲୋଚନା ଚକ୍ର ଆୟୋଜିତ



ରାଉରକେଲା,୧୫/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ 'ସମୃଦ୍ଧି ପାଇଁ ସାଧୁତା' (ପ୍ରୋବିଟି ଫର ପ୍ରସପେରିଟି) ବିଷୟବସ୍ତୁ ଆଧାରରେ ଅକ୍ଟୋବର ୧୩ ତାରିଖ ଦିନ 'ସମାଧାନ' ସମ୍ମିଳନୀ କକ୍ଷରେ ଭେଣ୍ଡର ଏବଂ ଯୋଗାଣକାରୀମାନଙ୍କ ସହ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ସତର୍କତା ବିଭାଗ ଏବଂ ମ୍ୟାଟେରିଆଲ୍ସ ମ୍ୟାନେଜମେଣ୍ଟ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସତର୍କତା ସଚେତନତା ବୃଦ୍ଧି କରିବା, ବ୍ୟବସାୟିକ କାରବାରରେ ସ୍ୱଚ୍ଛତା ଆଣିବା ଏବଂ ଅଭିଯୋଗ ନିରାକରଣ ପାଇଁ ଏକ ପ୍ରଭାବଶାଳୀ ବ୍ୟବସ୍ଥା ପ୍ରତିଷ୍ଠା କରିବା।

ସମାବେଶକୁ ସମ୍ବୋଧିତ କରି ଆରଏସପିର ନିର୍ବାହୀ ନିର୍ଦ୍ଦେଶକ (ଏମଏମ) ଶ୍ରୀ ଅନିଲ କୁମାର, ଆରଏସପି ଏବଂ ଏହାର ପ୍ରମୁଖ ଭେଣ୍ଡର ନେଟୱାର୍କ ମଧ୍ୟରେ ସୁଦୃଢ଼ ଓ ସ୍ୱଚ୍ଛ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ (ଏମଏମ) ଶ୍ରୀ ଟି. ବିନୋଦଙ୍କ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଏହା ପରେ ସତର୍କତା ନିଷ୍ଠା ଶପଥ ପାଠ କରାଯାଇଥିଲା। ଆରଏସପିର ମହାପ୍ରବନ୍ଧକ (ସତର୍କତା) ଓ ଏ.ସି.ଭି.ଓ ଶ୍ରୀ ରଞ୍ଜନ ଭାରତୀ ଏବଂ ମୁଖ୍ୟ ମହାପ୍ରବନ୍ଧକ (ସିସି) ଶ୍ରୀ ଆଲୋକ କୁମାର ବେହେରା ମଧ ଏହି ଅବସରରେ ବକ୍ତବ୍ୟ ରଖି ଶିଳ୍ପ ପରିଚାଳନାରେ ନୈତିକତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ମ୍ୟାଟେରିଆଲ୍ସ ମ୍ୟାନେଜମେଣ୍ଟ ଏବଂ ସତର୍କତା ବିଭାଗର ପ୍ରତିନିଧିମାନେ ମଧ ଭେଣ୍ଡର ବିକାଶ ଏବଂ ନିବାରକ ସତର୍କତା ପଦକ୍ଷେପ ସମ୍ପର୍କରେ ସଂକ୍ଷିପ୍ତ ଉପସ୍ଥାପନା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଏକ ମୁକ୍ତ ଆଲୋଚନା ଚକ୍ର, ଯେଉଁଥିରେ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଆର.ସି.ସି.ଆଇ), ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ (ଡି.ଏସ.ଏସ.ଆଇ.ଏ), ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓ.ଏସ.ଏମ.ଇ) ଏବଂ ଓଡ଼ିଶା ୟଙ୍ଗ ଏଣ୍ଟରପ୍ରେନରସ ଆସୋସିଏସନ୍ (ଓ.ୱା.ଇ.ଇ.ଏ) ର ପ୍ରମୁଖ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଭେଣ୍ଡରମାନଙ୍କ ଦ୍ୱାରା ଉତ୍ଥାପିତ ଚିନ୍ତା ଓ ପ୍ରତିକ୍ରିୟାର ସିଧାସଳଖ ସମାଧାନ କ୍ରୟ, ମାର୍କେଟିଂ, କଣ୍ଟ୍ରାକ୍ଟ ସେଲ୍ ଏବଂ ଷ୍ଟୋର୍ସ ବିଭାଗର ବିଭାଗୀୟ ମୁଖ୍ୟମାନଙ୍କ ଦ୍ୱାରା କରାଯାଇଥିଲା।

ଏହି କାର୍ଯ୍ୟକ୍ରମକୁ ସହକାରୀ ମହାପ୍ରବନ୍ଧକ (ସତର୍କତା) ଶ୍ରୀ ବିକ୍ରାନ୍ତ କୁମାର ପଟେଲ ସଂଯୋଜନା କରିଥିଲେ ଏବଂ ମହାପ୍ରବନ୍ଧକ (ଏମଏମ) ଶ୍ରୀ ଏସ. ଭଟ୍ଟାଚାର୍ଯ୍ୟଙ୍କ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ସାଇନ୍ସ ଆୱାରନେସ୍ ଫୋରମ୍‌ର 'ବିଜ୍ଞାନ ଉତ୍ସବ' ଓ ଆଲୋଚନାଚକ୍ର

## ଶିଶୁ ବିଜ୍ଞାନ ଲେଖକ ବିନମ୍ରଙ୍କୁ 'ଡ. କଲାମ ବିଜ୍ଞାନ ନବସୃଜନ ଆୱାର୍ଡ଼'



ବାଲେଶ୍ୱର,୧୫/୧୦ (ନି.ପ୍ର): ବୈଜ୍ଞାନିକ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ଉପଲକ୍ଷେ 'ସାଇନ୍ସ୍ ଆୱାରନେସ୍ ଫୋରମ୍‌ର ବିଜ୍ଞାନ ଉତ୍ସବ ଓ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଉପସ୍ଥିତିରେ 'ପରମ୍ପରା ଓ ଆଧୁନିକତାର ସମନ୍ୱୟ ହିଁ ନବସୃଜନ' ଶୀର୍ଷକ ଏକ ଶିକ୍ଷାଭିତ୍ତିକ ଆଲୋଚନାଚକ୍ର ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ମଧ ନବମ ଶ୍ରେଣୀରେ ଅଧୟନ କରୁଥିବାବେଳେ ଶିଶୁ ବିଜ୍ଞାନଲେଖକ ରଚନା କରିଥିବା ପୁସ୍ତକ 'ପଦାର୍ଥବିଜ୍ଞାନର ତତ୍ତ୍ୱ ଓ ତଥ୍ୟ' ପାଇଁ ଶ୍ରୀମାନ ବିନମ୍ର ଶତପଥୀଙ୍କୁ 'ଡ. କଲାମ ବିଜ୍ଞାନ ନବସୃଜନ ଆୱାର୍ଡ଼' ଫୋରମ ତରଫରୁ ପ୍ରଦାନ କରାଯାଇଅଛି। ମୁଖ୍ୟଅତିଥି ବିଜ୍ଞାନଲେଖକ ଓ ସ୍ତମ୍ଭକାର ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ ଉତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ ଅନୁସନ୍ଧାନ ଓ ଅନୁଭବ ପ୍ରଦାନ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କର ଶ୍ରଦ୍ଧା ଓ ଉଲ୍ଲାସ ସୃଷ୍ଟି କରିଥାଏ। ବର୍ତ୍ତମାନ ବିଜ୍ଞାନ ଯୁଗରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ଜାଣିବା ଆବଶ୍ୟକ। ଡ. ଅବଦୁଲ କଲାମଙ୍କ ଫଟୋଚିତ୍ର ନିକଟରେ ଶିଶୁ ବିଜ୍ଞାନ ଲେଖକ ବିନମ୍ର ଶତପଥୀ 'ବିଜ୍ଞାନ ପ୍ରଦୀପ' ପ୍ରଜ୍ୱଳନ କରିବା ପରେ ଫୋରମ୍‌ର ଚେୟାରମ୍ୟାନ୍ ପ୍ରଶାନ୍ତ ଦାସ ଫୋରମ୍ ଗଠନ ସମ୍ପର୍କରେ ମତରଖି କହିଲେ ଯେ ପୃଥିବୀ, ପରିବେଶ ଓ ମାନବ ସମାଜର ମଙ୍ଗଳ ପାଇଁ ବିଜ୍ଞାନର ସଠିକ୍ ବ୍ୟବହାର କରିବା ବିଷୟରେ ଶିକ୍ଷାଭିତ୍ତିକ ସଚେତନତା ସୃଷ୍ଟି କରିବା ଫୋରମ୍‌ର ମୂଳ ଲକ୍ଷ୍ୟ। ଫୋରମ୍‌ର ସଭାପତି ଡ. ସମର ବଲ୍ଲଭ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଚଳିତବର୍ଷ ଶିଶୁ ବିଜ୍ଞାନ ଲେଖକ ବିନମ୍ର ଶତପଥୀଙ୍କୁ ତାଙ୍କର ଲିଖିତ ପୁସ୍ତକ 'ପଦାର୍ଥ ବିଜ୍ଞାନର ତତ୍ତ୍ୱ ଓ ତଥ୍ୟ' ପାଇଁ ପ୍ରଥମ 'ଡ. କଲାମ ବିଜ୍ଞାନ ନବସୃଜନ ଆୱାର୍ଡ଼' ମୁଖ୍ୟଅତିଥି ପ୍ରଦାନ କରିଥିଲେ। ଆୱାର୍ଡ଼ ଗ୍ରହଣ କରି ଶ୍ରୀମାନ ଶତପଥୀ କହିଲେ ଯେ ସାନବେଳୁ ବିଜ୍ଞାନ ବହି ପଢ଼ିବାକୁ ଭଲ ଲାଗେ। ବିଶିଷ୍ଟ ଗଣିତଜ୍ଞ ରାମାନୁଜମ୍‌ଙ୍କ ପୁସ୍ତକ ମୋତେ ଏ ପଦାର୍ଥ ବିଜ୍ଞାନର ପ୍ରଥମ ପୁସ୍ତକ ଲେଖିବାକୁ ପ୍ରେରଣା ଯୋଗାଇଛି। ଫୋରମ୍‌ର ସଂପାଦକ ଶିଶୁ ବିଦ୍ୟା ମନ୍ଦିରର ଅଧକ୍ଷ ମଧୁସୂଦନ ମିଶ୍ର ସଂପାଦକୀୟ ପାଠ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଭି-ଫାଉଣ୍ଡେସନ୍‌ର ମୁଖ୍ୟ ବିପ୍ଳବ ଦାସ ମହାପାତ୍ର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ବିଜ୍ଞାନ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ, ତୋଷଳ ଶିକ୍ଷାନୁଷ୍ଠାନ, ସାଇ ଶିଶୁ ବିଦ୍ୟାମନ୍ଦିର, ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍, ଭି-ଫାଉଣ୍ଡେସନ୍‌ର ଛାତ୍ରଛାତ୍ରୀଙ୍କ ସମେତ, ଅଭିଭାବକ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡ. ନନ୍ଦ ପି.ପି.ଟି. ମାଧ୍ୟମରେ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଶିକ୍ଷାଭିତ୍ତିକ ଅନୁଭବ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଛାତ୍ରଛାତ୍ରୀମାନେ ଆଲୋଚନା ଚକ୍ରରୁ ସାଉଁଟିଥିବା ଅନୁଭବ ବଖାଣିଥିଲେ। ଉତ୍ସବ ଶେଷରେ ଫୋରମ୍‌ର ସହସଂପାଦକ ବିଜ୍ଞାନ ଲେଖକ ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ମ କ୍ଷେତ୍ରରେ ମହିଳା ନିର୍ଯ୍ୟାତନା ବିରୁଦ୍ଧରେ ସଚେତନତା ଶିବିର

ପୁରୀ ,୧୫/୧୦ (ନି.ପ୍ର): ମହିଳାଟି ପ୍ରଥମେ ମାଆ ଟିଏ।ମାଆ ର ସମ୍ମାନ ପୌରାଣିକ ଠାରୁ ଐତିହାସିକ ପର୍ଯ୍ୟନ୍ତ ସବୁ ଯୁଗରେ ସର୍ବାଗ୍ରେ।ସାମ୍ପ୍ରତିକ ସମାଜ ରେ ମହିଳା ମାନଙ୍କ ପ୍ରତି ଅବହେଳା ଅତ୍ୟନ୍ତ ଦୁଃଖଦ ଓ ପରିତାପର ବିଷୟ।ନିଜ ଅଧିକାର ଓ ଆଇନ ରେ ଥିବା ବ୍ୟବସ୍ଥା ସମ୍ପର୍କରେ ଜାଣିଲେ ଅବହେଳା ଓ ଅସମ୍ମାନ କୁ ପ୍ରତିହତ କରାଯାଇ ପାରିବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି।ଆଜି ପୂର୍ବାହ୍ନରେ ଉପ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ କର୍ମ କ୍ଷେତ୍ରରେ ମହିଳା ନିର୍ଯ୍ୟାତନା ବିରୁଦ୍ଧରେ ଏକ ଦିବସୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପୌରାଣିକ ଉପାଖ୍ୟାନ ମାଧ୍ୟମରେ ଦୂର୍ଗା, ଲକ୍ଷ୍ମୀ, ପାର୍ବତୀ, କୁନ୍ତୀ, ଦ୍ରୌପଦୀ, ସୀତା ପ୍ରଭୃତି ଙ୍କ ଉଦାହରଣ ମାଧ୍ୟମରେ ମହିଳା ମାନଙ୍କୁ ମିଳୁଥିବା ସମ୍ମାନ ଓ ସ୍ୱାଭିମାନ ସମ୍ପର୍କରେ ଆଲୋଚନା କରିବା ସହ ସାମ୍ପ୍ରତିକ ସ୍ଥିତିରେ ମହିଳା ମାନେ ନିଜ ଅଧିକାର ଓ ଦାୟିତ୍ୱ ବିଷୟରେ ଅବଗତ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିଲେ।କୌଣସି ଘଟଣା ଘଟିଲେ ଆଇନ ଅନୁଯାୟୀ ତାହାର ଉପଚାର କରିବା ଆବଶ୍ୟକ।ନୀରବ ହୋଇ ତାହା ସହିବା ଅର୍ଥ ନିର୍ଯ୍ୟାତନା କାରୀ ଙ୍କୁ ପ୍ରୋତ୍ସାହିତ କରିବା ଓ ପରବର୍ତ୍ତୀ ପିଢି ପାଇଁ ବିପଦ ସୃଷ୍ଟି କରିବା ବୋଲି କହିଥିଲେ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୋଲିସ ଡିଏସପି ସସ୍ମିତା ବେହେରା, ଇନିସପେକ୍ଟର ସୁକାନ୍ତି ମୁର୍ମ ପ୍ରମୁଖ ଯୋଗ ଦେଇ ମହିଳା ମାନଙ୍କ ସମ୍ମାନ, ଅଧିକାର,ସ୍ୱାଭିମାନ କୁ ଅକ୍ଷୁର୍ଣ୍ଣ ରଖିବା ସମସ୍ତଙ୍କ ଦାୟିତ୍ୱ।ସମସ୍ତ କାର୍ଯ୍ୟାଳୟ ରେ ମହିଳା ନିର୍ଯ୍ୟାତନା ଅଭିଯୋଗ ସେଲ ରହିଛି।କୌଣସି କ୍ଷେତ୍ରରେ କିଛି ବି ନିର୍ଯ୍ୟାତନା ଘଟଣା ଘଟିଲେ ତୁରନ୍ତ ଅଭିଯୋଗ କଲେ ସେ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଦୋଷୀ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି ବୋଲି ସ୍ପଷ୍ଟ କରିଦେଇଥିଲେ।

# ପ୍ରାଥମିକ ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ରାଜ୍ୟ ଫେଡେରେସନର ଆଲୋଚନା

ସମ୍ବଲପୁର,୧୫/୧୦ (ନି.ପ୍ର): ପ୍ରାଥମିକ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ ପଦୋନ୍ନତି ଦାବି ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳ ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛି। ଏହାପରେ ଜିଲ୍ଲାପାଳଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଆଲୋଚନାରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ପଦୋନ୍ନତି ପ୍ରକ୍ରିୟାର ସମୀକ୍ଷା କରାଯିବ ବୋଲି କହିଥିଲେ। ଦାବିପତ୍ରରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟାରେ ଅନିୟମିତତା ଏବଂ ଶିକ୍ଷକଙ୍କ ବିରୋଧରେ ହେଉଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେଇ ଫେଡେରେସନ ଉଦ୍‌ବେଗ ପ୍ରକାଶ କରିଛି। ଶିକ୍ଷକଙ୍କ ନ୍ୟାୟସଙ୍ଗତ ଦାବି ଓ ସମସ୍ୟାଗୁଡ଼ିକୁ ବିଚାରକୁନେଇ ତୁରନ୍ତ ସମାଧାନ କରିବା ସହ ପଦୋନ୍ନତି କ୍ଷେତ୍ରରେ ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ଦୁଇ କୁନି ଝିଅଙ୍କୁ ମିଳିଲା ସରକାରୀ ସହାୟତା: ମିଳିଲା ରାସନ କାର୍ଡ, ଶ୍ରବଣ ଯନ୍ତ୍ର ଓ ବର୍ଦ୍ଧିତ ଭତ୍ତା




ଲଙ୍ଗଳେଶ୍ୱର, ୧୫/୧୦ (ନି.ପ୍ର): ସରକାରୀ ଯୋଜନା ସମ୍ପର୍କରେ ସଚେତନତା ଓ ଆବଶ୍ୟକୀୟ ଦସ୍ତାବିଜର ଅଭାବ ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ଏପରି ଅସହାୟ ପରିବାରଙ୍କୁ ଚିହ୍ନଟ କରି ପ୍ରଶାସନର ସହଯୋଗରେ ସରକାରୀ ଯୋଜନାରେ ସାମିଲ କରିବା ପାଇଁ 'ଆମ ଅଧିକାର ଫାଉଣ୍ଡେସନ'ର ପ୍ରୟାସ ପୁଣି ସଫଳ ହୋଇଛି।

ସୂଚନା ଅନୁଯାୟୀ, ରତାଇ ଗ୍ରାମ ପଞ୍ଚାୟତର ଭାନୁପୁର ଗ୍ରାମର ଜସ୍ମିନ ନାୟକ ଜଣେ ବାପଛେଉଣ୍ଡ କୁନି ଝିଅ। ତାଙ୍କ ପରିବାର କହିଲେ ବିଧବା ମାଆ ଓ ସେ ନିଜେ। ଜମିବାଡ଼ି ନଥିବା ଏହି ଆର୍ଥିକ ଦୁର୍ବଳ ପରିବାର ଦସ୍ତାବିଜ ସମସ୍ୟା ଯୋଗୁଁ ଦୀର୍ଘ ତିନି ବର୍ଷ ଧରି ରାସନ କାର୍ଡରୁ ବଞ୍ଚିତ ଥିଲେ। ସେହିପରି, ବୋଲଂ ଗ୍ରାମ ପଞ୍ଚାୟତର ବୋଲଂ ଗ୍ରାମର ଭିନ୍ନକ୍ଷମ କୁନି ଝିଅ ଶୁକଲତା ମଲ୍ଲିକ ପରିବାରର ଅସହାୟତା ଓ ସଚେତନତା ଅଭାବରୁ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଥିଲେ। ଫଳରେ ତାଙ୍କ ଭତ୍ତା ପାଇବାରେ ମଧ୍ୟ ସମସ୍ୟା ଦେଖାଦେଇଥିଲା। ଏହି ଦୁଇ ଝିଅଙ୍କ ସମସ୍ୟା ସମ୍ପର୍କରେ ଆମ ଅଧିକାର ଫାଉଣ୍ଡେସନର ପ୍ରତିଷ୍ଠାତା ରାଜକିଶୋର ପାତ୍ର ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କୁ ଅବଗତ କରାଇଥିଲେ। ବିଡିଓଙ୍କ ନିର୍ଦ୍ଦେଶ ପରେ ଯୋଗାଣ ଓ ଭତ୍ତା ବିଭାଗର ପରାମର୍ଶକ୍ରମେ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରି ବିଭାଗରେ ଦାଖଲ କରିଥିଲେ।

ଏହାର ଫଳସ୍ୱରୂପ, ଆଜି ବାଲିଆପାଳ ବ୍ଲକ କାର୍ଯ୍ୟାଳୟରେ ବିଡିଓ ରାଧା ରଞ୍ଜନ ଦାସ ଜସ୍ମିନଙ୍କୁ ରାସନ କାର୍ଡ ଏବଂ ଶୁକଲତାଙ୍କୁ ଏକ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ଏଥିସହ ସାମାଜିକ ସଂଗଠନ ପ୍ରୟାସରେ ଶୁକଲତାଙ୍କ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତ ପରେ ତାଙ୍କ ଭତ୍ତା ପୁନଃ ଚାଲୁ କରିବା ସହ ମାସିକ ୩,୫୦୦ ଟଙ୍କାର ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା, ଜିପିଡିଓ ପ୍ରିୟବ୍ରତ ଗିରି ଏବଂ ଫାଉଣ୍ଡେସନର ସଦସ୍ୟ ରାଜକିଶୋର ପାତ୍ର ଓ କଟି ମାରାଣ୍ଡି ଉପସ୍ଥିତ ଥିଲେ। ଯୋଗ୍ୟ ହିତାଧିକାରୀଙ୍କ ସମସ୍ୟା ସଠିକ୍ ସମୟରେ ପ୍ରଶାସନ ନିକଟରେ ପହଞ୍ଚିଲେ ସେମାନେ ସରକାରୀ ସହାୟତା ପାଇପାରିବେ ବୋଲି ବିଡିଓ ପ୍ରକାଶ କରିଥିଲେ। ଏହି ମିଳିତ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

# ମହିଳାଙ୍କ ଆର୍ଥିକ ସଶକ୍ତିକରଣ ନିମନ୍ତେ ଛତୁ ଚାଷ ତାଲିମ ଓ କର୍ମଶାଳା ଅନୁଷ୍ଠିତ



ଖୋର୍ଦ୍ଧା, ୧୫/୧୦ (ନି.ପ୍ର): ମହିଳାମାନଙ୍କୁ ଉଦ୍ୟାନ କୃଷି କ୍ଷେତ୍ରରେ ସଶକ୍ତ କରିବା ତଥା ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମହିଳା ସଶକ୍ତୀକରଣ ଅଧୀନସ୍ଥ ଉଦ୍ୟାନ କୃଷି ଛତୁ ମିଶନ ଅନ୍ତର୍ଗତ ଏକ ଦିବସୀୟ ଛତୁ ଚାଷ ତାଲିମ ଓ କର୍ମଶାଳା ଖୋର୍ଦ୍ଧା ଉପଖଣ୍ଡସ୍ଥିତ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପଖଣ୍ଡର ୬ଟି ବ୍ଲକ୍‌ରୁ ମୋଟ ୬୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏଚ୍‌ଜି) ସଦସ୍ୟା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପ୍ରଫେସର ଶ୍ରୀ ନିରଞ୍ଜନ ଚିନ୍ନରା ମୁଖ୍ୟ ଅତିଥି ତଥା ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଛତୁ ଚାଷର ଗୁରୁତ୍ୱ, ଏହାର ବିଭିନ୍ନ ପଦ୍ଧତି, ପୁଷ୍ଟିକର ଉପାଦେୟତା, ରୋଜଗାର ସୃଷ୍ଟିର ସମ୍ଭାବନା ଏବଂ ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନ କ୍ଷେତ୍ରରେ ଏହାର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅବସରରେ ବୋଲଗଡ଼ ଅଞ୍ଚଳର ସଫଳ ଉଦ୍ୟାନ କୃଷି ଉଦ୍ୟୋଗୀ ଶ୍ରୀ ସୁକାନ୍ତ ଦଳାଇ ଛତୁ ଚାଷ ପାଇଁ ବେଡ୍ ପ୍ରସ୍ତୁତିର ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ। ସେ ଛତୁ ଚାଷର ବିଭିନ୍ନ ପର୍ଯ୍ୟାୟ ଓ ଆବଶ୍ୟକ ସତର୍କତା ବିଷୟରେ ଉପସ୍ଥିତ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା ଶ୍ରୀମତୀ ଶ୍ରୀୟା ଶାଶ୍ୱତୀ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ସେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଛତୁ ଚାଷ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି କରିବା, ପାରିବାରିକ ଆୟ ବୃଦ୍ଧି କରିବା ଏବଂ ଉଦ୍ୟାନ କୃଷି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ଛତୁ ଚାଷ ପ୍ରତି ମହିଳାମାନଙ୍କ ଆଗ୍ରହ ବୃଦ୍ଧି କରିବା ଏବଂ ସେମାନଙ୍କୁ ଚାଷ କାର୍ଯ୍ୟ ଆରମ୍ଭ କରିବାରେ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତ ୬୦ ଜଣ ସଦସ୍ୟାଙ୍କୁ ଛତୁ ବିହନ ବୋତଲ, ବେସନ ଓ ପଲିଥିନ୍ ଯୋଗାଇ ଦିଆଯାଇଥିଲା। ଏହି ସାମଗ୍ରୀଗୁଡ଼ିକ ସେମାନଙ୍କୁ ନିଜ ନିଜ ଅଞ୍ଚଳରେ ପ୍ରାରମ୍ଭିକ ଭାବେ ଛତୁ ଚାଷ ଆରମ୍ଭ କରିବା ସହ ଏହାକୁ ଏକ ଆୟକାରୀ ଉଦ୍ୟୋଗ ଭାବେ ଗଢ଼ିତୋଳିବା ପାଇଁ ପ୍ରୋତ୍ସାହିତ କରିବ। ଏହି କର୍ମଶାଳାରେ ବେଗୁନିଆର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀମତୀ ଚିନ୍ମୟୀ ସାହୁ, ଟାଙ୍ଗୀର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀମତୀ ରୋଜାଲିନ ସାହୁ ଏବଂ ବାଣପୁରର ସହକାରୀ ଉଦ୍ୟାନକୃଷି ଅଧିକାରୀ ଶ୍ରୀ ସନ୍ଦିପ କୁମାର୍ ଦେଇ ଯୋଗଦେଇଥିଲେ। ସେମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଛତୁ ଚାଷ ଗ୍ରହଣ କରିବା ଏବଂ ସରକାରୀ ଉଦ୍ୟାନ କୃଷି ଯୋଜନାର ସୁଯୋଗ ନେବା ପାଇଁ ଉତ୍ସାହିତ କରିଥିଲେ। ଶେଷରେ ଖୋର୍ଦ୍ଧାର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀମତୀ ଗାୟତ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତ ଅତିଥି, ଅଧିକାରୀ, ସମ୍ବଳ ବ୍ୟକ୍ତି ଓ ଅଂଶଗ୍ରହଣକାରୀ ମହିଳାମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ତାଲିମ ଓ କର୍ମଶାଳା ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଛତୁ ଚାଷ ସମ୍ପର୍କରେ ବୈଷୟିକ ଜ୍ଞାନ ଓ ପ୍ରାୟୋଗିକ ଦକ୍ଷତା ହାସଲ କରିବା ସହ ନିଜ ଅଞ୍ଚଳରେ ଛତୁ ଚାଷକୁ ଏକ ଲାଭଜନକ ଆତ୍ମନିଯୁକ୍ତିର ମାଧ୍ୟମ ଭାବେ ଗ୍ରହଣ କରିବା ପାଇଁ ଉତ୍ସାହିତ ହୋଇଥିଲେ।

## ୧୪୨୨ ସ୍କୁଲ ପରିଚାଳନା କମିଟି ହେଲା ଇନକ୍ଲୁସିଭ୍

କେନ୍ଦ୍ରାପଡ଼ା, ୧୫/୧୦ (ନି.ପ୍ର): କେନ୍ଦ୍ରୀୟ ଯୋଜନାର ଜିଲ୍ଲାସ୍ତରୀୟ ପ୍ରଗତି ସମୀକ୍ଷା କରୁଥିବା "ଦିଶା"କମିଟିର ନିର୍ଦ୍ଦେଶନାରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୪୨୨ଟି ସ୍କୁଲ ପରିଚାଳନା କମିଟିକୁ ଇନ୍‌କ୍ଲୁସିଭ୍ ଭାବେ ଗଢ଼ା ଯାଇଛି । ଏଠାରେ ପ୍ରକାଶଯୋଗ୍ୟ ଯେ, କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ ୧୪୭୮ଟି ସ୍କୁଲ ପରିଚାଳିତ ହେଉଅଛି । ଉକ୍ତ ବିଦ୍ୟାଳୟଗୁଡିକରେ ପଢୁଥିବା ୨୫୦୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଆବଶ୍ୟକତା ରଖୁଥିବା ଦିବ୍ୟାଙ୍ଗ ଶିଶୁମାନଙ୍କ ଅବିଭାବକଙ୍କୁ କୌଣସି ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ରୂପେ ରଖା ଯାଇ ନଥିଲା । ସେମାନଙ୍କର ଶୈକ୍ଷିକ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଆବଶ୍ୟକତା ସବୁ ଏହା ଦ୍ୱାରା ଅଣଦେଖା ଓ ପ୍ରଭାବିତ ହେଉଥିବା ପ୍ରସଙ୍ଗକୁ 'ଦିଶା' କମିଟିର ନିର୍ବାଚିତ ସଦସ୍ୟ ତଥା ପୁନର୍ବାସର ପ୍ରତିଷ୍ଠାତା ବିରଜା ରାଉତରାୟ,'ଦିଶା' କମିଟିର ଅଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଗତ ଜୁନ୍ ମାସରେ ଅନୁଷ୍ଠିତ ପଞ୍ଚମ ଦିଶା ଅଧିବେଶନରେ ଦୃଷ୍ଟି ଆକର୍ଷଣ କରିଥିଲେ ।

# ବିଦ୍ୟାଳୟ ଫାଟକରେ ତାଲା ପକାଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଧାରଣା



ଜଳେଶ୍ୱର, ୧୫/୧୦ (ନି.ପ୍ର): ଜଳେଶ୍ୱର ବ୍ଲକ ଖୁଦିଆମାଝୀସାହି ପଞ୍ଚାୟତ ଅନ୍ତର୍ଗତ ତୋଟାପଡା ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକଙ୍କ ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ଆଜି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୯୫୫ ମସିହାରେ ପ୍ରତିଷ୍ଠିତ ଏହି ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ଦୁଇଜଣ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟଟି ପରିଚାଳିତ ହେଉଥିବାବେଳେ ସେଠାରେ କାର୍ଯ୍ୟରତ ଶିକ୍ଷକ ମାନସ ରଞ୍ଜନ ମୁର୍ମୁଙ୍କୁ ପ୍ରଧାନଶିକ୍ଷକ ଭାବେ ଭୋଗରାଇ ବ୍ଲକର ବଡ଼ ମନ୍ଦାରୁଣି ବିଦ୍ୟାଳୟକୁ ବଦଳି କରାଯାଇଛି। ଏହି ବଦଳି ନିଷ୍ପତ୍ତିକୁ ବିରୋଧ କରି ଅଭିଭାବକମାନେ ପୂର୍ବରୁ ଜିଲ୍ଲା ଶିକ୍ଷାଅଧିକାରୀ ଏବଂ ବ୍ଲକ ଶିକ୍ଷାଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ବାଧ୍ୟ ହୋଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆନ୍ଦୋଳନର ପନ୍ଥା ଆପଣାଇଛନ୍ତି। ଅଭିଭାବକମାନଙ୍କ କହିବା କଥା ଯେ, ଶିକ୍ଷକ ମାନସ ରଞ୍ଜନ ମୁର୍ମୁ ଜଣେ ମେଧାବୀ, କର୍ତ୍ତବ୍ୟନିଷ୍ଠ ଏବଂ ପିଲାଙ୍କ ପ୍ରତି ଖୁବ୍ ଯତ୍ନବାନ୍ ଶିକ୍ଷକ ଅଟନ୍ତି। ତାଙ୍କର ଏଭଳି ବଦଳି ହେଲେ ବିଦ୍ୟାଳୟର ଶିକ୍ଷାଦାନ ବ୍ୟାହତ ହେବ। ତେଣୁ ତାଙ୍କର ବଦଳି ଆଦେଶ ବାତିଲ ନ ହେଲେ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତବେଳ ଦେଇଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜଗତାନନ୍ଦ ବେହେରା, ତାରାପଦ ଘଡ଼େଇ, ନିତ୍ୟାନନ୍ଦ ଘଡ଼େଇ, ନନ୍ଦଲାଲ ସାହୁ, ବାଦଲ ବେହେରା, ସୁବାଷ ଘୋଶ, ଜିନୁରାଣି ପାଲ, ସପ୍ନେଶ୍ୱର ପାତ୍ରଙ୍କ ସମେତ ବହୁ ଅଭିଭାବକ ଏବଂ ଗ୍ରାମବାସୀ ସାମିଲ ରହିଛନ୍ତି

# ରଜନୀଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ




ବାସୁଦେବପୁର, ୧୫/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ରଜନୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ପାଟଣା ମିଶ୍ରପୁର ପକ୍ଷରୁ ଶିଶୁ ଉତ୍ସବ ସୁରଭି ୨୦୨୬ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ମଲିକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ପଳିତା ଓ ମୁଖ୍ୟ ବକ୍ତା ଭାବେ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା ଯୋଗ ଦେଇଥିଲେ ଏବଂ ଶିକ୍ଷା ସାହିତ୍ୟ ଓ କଳା ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ବାସୁଦେବ କାଣ୍ଡି, ସି ଆର୍ ସି ସି ସନ୍ତୋଷ କୁମାର ପତି,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ଧନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରି ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ତର୍କ, ବକ୍ତୃତା, ହସ୍ତାକ୍ଷର, ନୃତ୍ୟ, ସଙ୍ଗୀତ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ଅଭୟ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଆଶୁତୋଷ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ...

ଏହି ଆଦେଶ ଇସଲାମ ଧର୍ମ ଗ୍ରହଣ କରିଥିବା ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ବ୍ୟକ୍ତିମାନଙ୍କୁ ଓବିସି ବର୍ଗରେ ଅନ୍ତର୍ଭୁକ୍ତ କରିବାର ଅନୁମତି ଦେଇଥିଲା। ତାମିଲନାଡୁ ସରକାର ମାଡ୍ରାସ ହାଇକୋର୍ଟର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ରାଜ୍ୟ ସରକାରଙ୍କ ଯୁକ୍ତି ଥିଲା ଯେ, ଧର୍ମାନ୍ତରୀକରଣ ଯୋଗୁଁ ସାମାଜିକ ଏବଂ ଶିକ୍ଷାଗତ ଭାବରେ ପଛୁଆ ଥିବା ଲୋକମାନେ ସଂରକ୍ଷଣ ସୁବିଧା ପାଇବା ଉଚିତ୍। ମାଡ୍ରାସ ହାଇକୋର୍ଟ ଏହି ଆଦେଶକୁ ଅସାମ୍ବିଧାନିକ ଘୋଷଣା କରି ଏହାକୁ ଖାରଜ କରିଦେଇଥିଲେ। କୋର୍ଟ କହିଥିଲେ ଯେ, ଜାତି ଜନ୍ମ ଦ୍ୱାରା ନିର୍ଣ୍ଣୟ କରାଯାଏ, କିନ୍ତୁ ଧର୍ମ ପରିବର୍ତ୍ତନ ଦ୍ୱାରା ନୁହେଁ। ଯେହେତୁ ଇସଲାମରେ କୌଣସି ଜାତି ପଦାନୁକ୍ରମ ନାହିଁ ତେଣୁ ଧର୍ମ ପରିବର୍ତ୍ତନ ପରେ ସଂରକ୍ଷଣ ଦାବି କରାଯାଇପାରିବ ନାହିଁ। ଲବ୍ବାଇ, ମାରକର, ରାଉତର ଏବଂ ଡେକାନି ମୁସଲମାନ ଭଳି ଅଧିସୂଚିତ ସମ୍ପ୍ରଦାୟର ସଦସ୍ୟତା ଧର୍ମ ପରିବର୍ତ୍ତନ ଦ୍ୱାରା ନୁହେଁ, ଜନ୍ମ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ। ତାମିଲନାଡୁ ସରକାର କହିଥିଲେ ଯେ, ସରକାରୀ ଆଦେଶ ଏକ ନୂତନ ପଛୁଆ ବର୍ଗ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ନୁହେଁ। ତାମିଲନାଡୁ ପଛୁଆ ବର୍ଗ କମିସନର ସୁପାରିଶରେ ଏହି ଆଦେଶ ଜାରି କରାଯାଇଥିଲା ଏବଂ ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ନିଶ୍ଚିତ କରିବା ଯେ, ସମ୍ବିଧାନର ଧାରା ୨୫ ଅନୁଯାୟୀ ଧର୍ମ ପରିବର୍ତ୍ତନ ଯୋଗୁଁ ଧାର୍ମିକ ସ୍ୱାଧୀନତା ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ ସଂରକ୍ଷଣରୁ ବଞ୍ଚିତ କରା ନ ଯାଉ।

### ୧୮ରେ ଶପଥ ନେବେ...

ନୂଆ ରାଜ୍ୟପାଳ ଅକ୍ଟୋବର ୧୭ରେ ଭୁବନେଶ୍ୱରରେ ପହଞ୍ଚିବେ। ରାଜ୍ୟପାଳଙ୍କ ସହ ଝାଡ଼ଖଣ୍ଡରୁ ପ୍ରାୟ ୩୦୦ଜଣ ଅତିଥି ଆସିବେ। ଅତିଥିମାନେ ରାଜ୍ୟପାଳଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ସହ ୪ଦିନ ଓଡ଼ିଶାରେ ରହିବେ। ତେଣୁ ଏହାକୁ ନଜରରେ ରଖି ଅକ୍ଟୋବର ୧୭ରୁ ୨୦ତାରିଖ ପର୍ଯ୍ୟନ୍ତ ସମସ୍ତ ଅତିଥିଙ୍କ ରହଣି ବ୍ୟବସ୍ଥା, ଭୁବନେଶ୍ୱର ବିମାନବନ୍ଦର, ଭୁବନେଶ୍ୱର ଓ ପୁରୀ ଲୋକଭବନରେ ସୁରକ୍ଷା ବ୍ୟବସ୍ଥା କରିବାକୁ ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ ଆଜି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମାଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟପାଳଙ୍କ ଶପଥ ଗ୍ରହଣ ଉତ୍ସବରୁ ଆରମ୍ଭ କରି ଅତିଥିଙ୍କୁ ଆତିଥ୍ୟ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଯେପରି ସୁରୁଖୁରରେ ହେବ ସେଥିପାଇଁ ଗୃହ ବିଭାଗର ଜଣେ ଅଧିକାରୀଙ୍କୁ ନୋଡାଲ ଅଧିକାରୀଭାବେ ଲୋକଭବନର ହାଉସହୋଲ୍ଡ ଶାଖାରେ ନିଯୁକ୍ତି ଦେବାକୁ ଶ୍ରୀମତୀ ସାହୁ କହିଛନ୍ତି।

### ସମସ୍ତଙ୍କୁ ପକ୍କାଘର...

ଏହି ଯୋଜନାରେ ୫ ଲକ୍ଷ ପରିବାରଙ୍କ ପାଇଁ ଘର ନିର୍ମାଣ କରିବାର ଲକ୍ଷ୍ୟ ରହିଥିଲା। ମୁଖ୍ୟତଃ ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇନଥିବେ ତଥା ଗରିବ ଓ ଅସହାୟ ପରିବାର ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

### ୟେମେନରେ ହୁତିଙ୍କ ମିସାଇଲ...

ସାମରିକ ମୁଖପାତ୍ର ତୁର୍କି ଅଲ୍-ମାଲିକିଙ୍କ ଦାବି ଅନୁଯାୟୀ, ଏହି ମାସରେ ରିୟାଦର କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ୨୦ଟି ଆକ୍ରମଣ ହୋଇଛି। ଏଥିରେ ୧୭ ଜଣଙ୍କ ମୃତ୍ୟୁ ଓ ୩୩୩ ଜଣ ଆହତ ହୋଇଥିବା ସେ ଦାବି କରିଛନ୍ତି। ଆଭା ବିମାନବନ୍ଦର ଉପରେ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଓ ୨୮ ଜଣ ଆହତ ହୋଇଥିବା ମଧ୍ୟ ମେଣ୍ଟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ, ହୁତି ବିଦ୍ରୋହୀମାନେ ସାଉଦି ଆରବର ବିମାନବନ୍ଦର ଓ ଆକାଶମାର୍ଗକୁ ଅସୁରକ୍ଷିତ ବୋଲି ଚେତାବନୀ ଦେଇଛନ୍ତି। ତେବେ ମକ୍କା ଓ ମଦିନା ଉପର ଆକାଶମାର୍ଗକୁ ଏହି ଚେତାବନୀରୁ ବାଦ୍ ଦିଆଯାଇଛି। ୟେମେନରେ ୨୦୧୪ରେ ହୁତି ବିଦ୍ରୋହୀମାନେ ରାଜଧାନୀ ସାନା ଦଖଲ କରିବା ପରେ ସଂଘର୍ଷ ଆରମ୍ଭ ହୋଇଥିଲା। ୨୦୧୫ରେ ସାଉଦି ଆରବ ନେତୃତ୍ୱାଧୀନ ସାମରିକ ମେଣ୍ଟ ୟେମେନର ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତ ସରକାରକୁ ସମର୍ଥନ ଦେବା ପାଇଁ ଯୁଦ୍ଧରେ ହସ୍ତକ୍ଷେପ କରିଥିଲା। ୨୦୨୨ରେ ମିଳିତ ଜାତିସଂଘର ମଧ୍ୟସ୍ଥତାରେ ଯୁଦ୍ଧବିରତି ହୋଇଥିଲେ ମଧ୍ୟ ସ୍ଥାୟୀ ରାଜନୈତିକ ସମାଧାନ ମିଳିପାରିନାହିଁ। ଏବେ ପୁଣି ମିସାଇଲ ଆକ୍ରମଣ ଏହି ଅଞ୍ଚଳରେ ଉତ୍ତେଜନା ବଢ଼ାଇବା ସହ ଶାନ୍ତି ପ୍ରତିଷ୍ଠା ଉଦ୍ୟମକୁ ଚ୍ୟାଲେଞ୍ଜ୍ କରିଛି।

### ବିକ୍ରି ହେବ ଆଇଡିବିଆଇ...

ନିଜର ରଗଓ ଠିକ୍ ସମୟରେ ଦେବା ଜାରି ରଖନ୍ତୁ । ଅକ୍ଟୋବର ୧୪ ତାରିଖରେ କେନ୍ଦ୍ର କ୍ୟାବିନେଟ୍‌ର ଅର୍ଥନୈତିକ ବ୍ୟାପାର କମିଟି ଆଇଡିବିଆଇ ବ୍ୟାଙ୍କର ୬୦.୭୨ ପ୍ରତିଶତ ଅଂଶଧନ ୫୨,୮୭୮ କୋଟି ଟଙ୍କାରେ ବିକ୍ରି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ଏଥିରେ କେନ୍ଦ୍ର ସରକାରଙ୍କ ୩୦.୪୮ ପ୍ରତିଶତ ଓ ଖଓଉର ୩୦.୨୪ ପ୍ରତିଶତ ଅଂଶଧନ ରହିଛି । ଏହି ଅଂଶଧନ ଫେୟାରଫ୍ୟାକ୍ସ ଫାଇନାନ୍ସିଆଲ୍ ହୋଲ୍ଡିଂସ୍ ସହ ଜଡ଼ିତ ଏକ ସଂସ୍ଥାକୁ ବିକ୍ରି କରାଯିବାକୁ ଯୋଜନା ରହିଛି । ତେଣୁ ବର୍ତ୍ତମାନ ଗ୍ରାହକମାନେ ଆତଙ୍କିତ ନହୋଇ ଅଧିକୃତ ସୂଚନାକୁ ଅପେକ୍ଷା କରିବା ଉଚିତ । କେବଳ ମାଲିକାନା ପରିବର୍ତ୍ତନ ଖବର ଆଧାରରେ ଆକାଉଣ୍ଟ ବନ୍ଦ କରିବା କିମ୍ବା ଜମା ଟଙ୍କା ଉଠାଇବା ନିଷ୍ପତ୍ତି ନିଅନ୍ତୁ ନାହିଁ ।

# ପଣ୍ୟ ପରିଚାଳନା ବୃଦ୍ଧି ନେଇ ଷ୍ଟିଭେଡୋର୍ସଙ୍କ ସହ ପାରାଦୀପ ବନ୍ଦର ଅଧକ୍ଷଙ୍କ ସମୀକ୍ଷା ବୈଠକ



ପାରାଦୀପ, ୧୫/୧୦ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଓ ଷ୍ଟିଭେଡୋର୍ସ ଆସୋସିଏସନ୍ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ଦରର କାର୍ଯ୍ୟକ୍ଷମତା ସମ୍ପର୍କିତ ସମସ୍ୟା, ଭିତ୍ତିଭୂମିର ବିକାଶ ଏବଂ ପଣ୍ୟ ପରିଚାଳନା ଦକ୍ଷତା ବୃଦ୍ଧି ନେଇ ଆଲୋଚନା କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୧୭୦ ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ପଣ୍ୟ ପରିଚାଳନା ଲକ୍ଷ୍ୟ ହାସଲ କରିବା ପାଇଁ ପାରାଦୀପ ବନ୍ଦରର ପ୍ରତିବଦ୍ଧତା ଥିବା ନେଇ ଅଧ୍ୟକ୍ଷ ଦୋହରାଇଥିଲେ। ଏହା ପୂର୍ବ ଆର୍ଥିକ ବର୍ଷ ୨୦୨୫-୨୬ରେ ପରିଚାଳିତ ୧୫୬.୪୫ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ ତୁଳନାରେ ଅଧିକ ଲକ୍ଷ୍ୟ ରଖାଯାଇଛି। ଦେଖାଯାଉଥିବା ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ଭିତ୍ତିଭୂମି ବିକାଶ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏଥିମଧ୍ୟରେ ବନ୍ଦର ଭିତର ଓ ବାହାର ରାସ୍ତାର ଉନ୍ନତିକରଣ, ପଣ୍ୟ ସଂରକ୍ଷଣ ପାଇଁ ଉପଯୁକ୍ତ ସ୍ଥାନର ବିକାଶ ଏବଂ ପରିବହନକୁ ସୁଗମ କରିବା ସହ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ପାଇଁ ପ୍ରସ୍ତାବଗୁଡ଼ିକୁ ମଧ୍ୟ ଅନୁମୋଦନ ମିଳିଛି ଏବଂ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟାନ୍ୱୟନ ଆରମ୍ଭ ହେବା ଆଶା କରାଯାଉଛି। ଏଥିସହ କର୍ମଚାରୀ ଓ ପରିଦର୍ଶକଙ୍କ ପାଇଁ ପରିମଳ ଏବଂ କଲ୍ୟାଣମୂଳକ ସୁବିଧାର ଉନ୍ନତି ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ସାର୍ବଜନୀନ-ଘରୋଇ ସହଭାଗିତା ଆଧାରିତ ଯାନ୍ତ୍ରିକୀକରଣକୁ ଆଗକୁ ବଢ଼ାଇବା ଉପରେ ଅଧ୍ୟକ୍ଷ ଗୁରୁତ୍ୱ ଦେଇଥିଲେ। ସାର୍ବଜନୀନ-ଘରୋଇ ସହଭାଗିତା ଅପରେଟର ମାନେ ବର୍ତ୍ତମାନର ହିତାଧିକାରୀମାନଙ୍କ ସହ ସୁସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସହଯୋଗଭିତ୍ତିକ ସମସ୍ୟା ସମାଧାନର ଗୁରୁତ୍ୱ ଉପରେ ଆଲୋକପାତ କରି ଅଧ୍ୟକ୍ଷ, ଡ୍ରେଜିଂ ଆବଶ୍ୟକତା, ଟ୍ରାଫିକ୍ ଏବଂ ପଣ୍ୟ ପରିଚାଳନା ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବନ୍ଦର ପ୍ରଶାସନ ଓ ଷ୍ଟିଭେଡୋର୍ସଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ପାଦକତା, କାର୍ଯ୍ୟକ୍ଷମତା ଓ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇଁ ହିତାଧିକାରୀମାନଙ୍କ ସହ ଗଠନମୂଳକ ଆଲୋଚନା କରିଥିଲେ। ବୈଠକ ଶେଷରେ ପାରାଦୀପ ବନ୍ଦର ପ୍ରାଧିକରଣ ଓ ଷ୍ଟିଭେଡୋର୍ସ ଆସୋସିଏସନ୍ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବା ସହ ପାରାଦୀପ ବନ୍ଦରକୁ ଦେଶର ଏକ ପ୍ରମୁଖ ନୌବାଣିଜ୍ୟିକ ପ୍ରବେଶଦ୍ୱାର ଭାବେ ଆହୁରି ସୁଦୃଢ଼ କରିବା ନିମନ୍ତେ ଉଭୟ ପକ୍ଷ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

# ବିଶ୍ୱ ଧଳାବାଡ଼ି ଦିବସ ପାଳିତ

ବାଲେଶ୍ୱର, ୧୫/୧୦ (ନି.ପ୍ର): ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟରେ ବିଶ୍ୱ ଧଳାବାଡି ଦିବସ ପାଳିତ ହୋଇଯାଇଅଛି। ସକାଳ ୮ ଘଟିକା ସମୟରେ ଛାତ୍ରଛାତ୍ରୀ ମାନେ ହାତରେ ଧଳା ବାଡି ଧରି ଏକ ପଟୁଆରରେ ସହର ପରିକ୍ରମା କରିଥିଲେ। ଉକ୍ତ ରାଲିକୁ ଆନୁଷ୍ଠାନିକ ଭାବରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ଶର୍ମିଷ୍ଠା ଦତ୍ତ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ଓ ସମାଜସେବୀ ଶ୍ରୀଯୁକ୍ତ ପଦାରବିନ୍ଦ ମହାପାତ୍ର ଉପସ୍ଥିତ ଥିଲେ ପରେ ଜନ ସଚେତନତା ନିମନ୍ତେ ବିଭିନ୍ନ ନାରାବାଜି ସହ ସହର ପରିକ୍ରମା କରିଥିଲେ। ପରେ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ଅଧକ୍ଷ ଶ୍ରୀଯୁକ୍ତ ଦିବାକର ସ ସଭାପତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉତ୍ସବର ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ଏକ ପାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସଭାରେ ଉପସ୍ଥିତ ସମସ୍ତ ଶିକ୍ଷଶିକ୍ଷତ୍ରୀ ଧଳା ବାଡି ସାହାଯ୍ୟରେ କିପରି ଯାତାୟାତ କରିପାରୁଛନ୍ତି ସେହି ଉପରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ନିଜ



ବକ୍ତବ୍ୟରେ କହିଥିଲେ ଯେ, ଆଜି ହେଉଛି ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଆମ ପ୍ରିୟ ଏ. ପି. ଯେ ଅବଦୁଲ କଲାମଙ୍କ ଜନ୍ମ ଦିନ ଏବଂ ବିଶ୍ୱ ଧଳା ବାଡି ଦିବସ ମଧ୍ୟ। ଧଳାବାଡି ସାହାଯ୍ୟରେ ସେମାନଙ୍କର ଗମନା ଗମନ କିପରି ସୁଗମ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଧନ୍ୟବାଦ ସହ ସଭାକାର୍ଯ୍ୟ ଶେଷ ହୋଇଥିଲା।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ଆଇନ୍ ଉପରେ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ



ଭଦ୍ରକ, ୧୫/୧୦ (ନି.ପ୍ର): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, ଭଦ୍ରକ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ (ନିରୋଧ, ନିଷେଧ ଓ ପ୍ରତିକାର) ଆଇନ୍, ୨୦୧୩ ଉପରେ ଏକ ବ୍ୟାପକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟସ୍ଥଳକୁ ଉତ୍ପୀଡ଼ନମୁକ୍ତ କରିବା, ମହିଳାଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ତଥା ଉକ୍ତ ଆଇନର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ବୃଦ୍ଧି ନିମନ୍ତେ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଉକ୍ତ ଆଇନର ପରିଚୟ ଓ ଉଦ୍ଦେଶ୍ୟ, ଯୌନ ଉତ୍ପୀଡ଼ନର ପରିଭାଷା, ଅଭିଯୋଗ କମିଟି ଏବଂ ସ୍ଥାନୀୟ କମିଟି ଗଠନ, ଅଭିଯୋଗ ଦାଖଲ ଓ ତଦନ୍ତ ପ୍ରକ୍ରିୟା, ଗୋପନୀୟତା ଓ ପୀଡ଼ିତାଙ୍କ ସୁରକ୍ଷା, ନିଯୁକ୍ତିଦାତାଙ୍କ ଦାୟିତ୍ୱ ଏବଂ ସଚେତନତାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ସଂଗୀତା ପାଢୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଉପ-ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଦୀପ୍ତିକା ପ୍ରିୟଦର୍ଶିନୀ ସାହୁ, ମହିଳା ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଶ୍ରୀମତୀ ଆଭାମୟୀ ମହାପାତ୍ର, ବାଲ୍ୟ ବିବାହ ନିଷେଧ ଅଧିକାରୀ ଶ୍ରୀ ଆଲାଦି ମାରାଣ୍ଡି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରତିନିଧି ଶ୍ରୀମତୀ ଅନ୍ନପୂର୍ଣ୍ଣା ସାହୁ ଯୋଗଦେଇ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୋଜିକା ଭାବେ ସୁରକ୍ଷା ଅଧିକାରୀ ଶ୍ରୀମତୀ ସବିତା ବେହେରା ଓ ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ଶକୁନ୍ତଳା ଦାସ ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଶିବିରରେ ଓନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ସମସ୍ତ ସିଡିପିଓ, ପୋଲିସ, ତହସିଲ ଓ ପଞ୍ଚାୟତ ବିଭାଗର ଅଧିକାରୀ, ଯୁବ ଓ ଛାତ୍ର ସଂଗଠନର ପ୍ରତିନିଧି,ପୁସ୍ତକ ଓ ପରିବହନ ସେବା ସଂସ୍ଥା ର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଶିଶୁ ମହୋତ୍ସବ ସୁରଭିର ମହକରେ ମହକି ଉଠୁଛି ଉଦଳା



ଉଦଳା , ୧୫/୧୦ (ନି.ପ୍ର): ପ୍ରତିବର୍ଷପରି ଓଡ଼ିଶା ସରକାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଶିଶୁ ମହୋତ୍ସବ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ତଥା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଗୋଷ୍ଠୀ ସହଯୋଗ ଓ ସଚେତନତା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଉଛି । ତେବେ ଚଳିତ ବର୍ଷ ସୁରଭି ପାଇଁ 'ସମୃଦ୍ଧ ଭାଷା : ସମୃଦ୍ଧ ଓଡ଼ିଶା' ବିଷୟବସ୍ତୁ ରଖାଯାଇଛି । ଉଦଳାରେ କାର୍ଯ୍ୟରତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବ୍ରତ କୁମାର କିସ୍କୁ ବିଭିନ୍ନ ଆଂଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି-୨୦୨୬ ର କାର୍ଯ୍ୟକ୍ରମ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସଂଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, କୁଇଜ ଇତ୍ୟାଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି । କଇଁସାରୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ସାନଖଲାର୍ଡ଼ି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଅକ୍ଟୋବର ୧୦ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ବେଳେ ଏଠାରେ କାର୍ଯ୍ୟରତ ସିଆରସିସି ଶାନ୍ତନୁ କୁମାର ଦାଶ ପରିଚାଳନାର ନେତୃତ୍ୱ ନେଇଥିଲେ । ସ୍ଥାନୀୟ ସରପଂଚ ସସ୍ମିତା ବାରିକ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ଯୋଗ ଦେଇଥିଲେ । ସେହିପରି ରାଡ଼ୋ କ୍ଲଷ୍ଟରରେ ଅକ୍ଟୋବର ୧୨ ତାରିଖ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସିଆରସିସି ଲଳିତ କୁମାର ବେହେରା ଅଧକ୍ଷତା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଲୁଇପା କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦାସ ଅତିଥି ଭାବରେ ଯୋଗଦେଇଥିଲେ । ଉଦଳା ଏନ୍ଏସି କ୍ଲଷ୍ଟରରେ ଅକ୍ଟୋବର ୧୪ ତାରିଖ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସିଆରସିସି ଗୌରକିଶୋର ବିନ୍ଧାଣୀ ପରିଚାଳନାର ନେତୃତ୍ୱ ନେଇଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ଉଦଳା ଏନ୍ଏସି ଅଧକ୍ଷା ପ୍ରମିଳା ପଣ୍ଡା ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ଯୋଗ ଦେଇଥିଲେ ।

# ଖଇରା ମହାବିଦ୍ୟାଳୟ: ସବୁ ପଦବୀ ହାତେଇଲା ଏବିଭିପି



ଖଇରା, ୧୫/୧୦ (ନି.ପ୍ର): ଖଇରା ମହାବିଦ୍ୟାଳୟ ରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ରେ ସମସ୍ତ୨୩ ଗୋଟି ପଦବୀରେ ଏବିଭିପି ପ୍ରାର୍ଥୀ ମାନେ ବାଜିମାତ କରିଛନ୍ତି । ବିଜୟୀ ସମସ୍ତ ପ୍ରାର୍ଥୀ ଏକ ଶୋଭାଯାତ୍ରାରେ ଖଇରା ବଜାର ପରିକ୍ରମା କରିଥିବା ବେଳେ ଏଥିରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ସୌମ୍ୟ ରଞ୍ଜନ ନାୟକ,ଅଜୟ କୁମାର ବେହେରା,ଜ୍ୟୋତି ପ୍ରକାଶ ମହାପାତ୍ର,ପ୍ରିତମ ନାୟକ,ସୁଶାନ୍ତ କୁମାର ନାୟକ,ପ୍ରଦୀପ ସାହୁ ପ୍ରମୁଖ ଭାଜପା ନେତା ସାମିଲ ହୋଇଛନ୍ତି । ସଭାପତି ପଦବୀରେ ଶ୍ରୀତମ ଦାସ ୨୬୭ ଖଣ୍ଡ ଭୋଟରେ,ଉପ-ସଭାପତି ପ୍ରାର୍ଥୀ ଲିଜା ଜେନା ୧୭୮ଖଣ୍ଡ ଭୋଟରେ,ସାଧାରଣ ସମ୍ପାଦକ ପ୍ରାର୍ଥୀ ମାନସ ପ୍ରିତମ ଲେଙ୍କା ୯୯ଖଣ୍ଡରେ ,ସହ-ସମ୍ପାଦକ ପ୍ରାର୍ଥୀନୀ ସଙ୍ଗିତା ନାୟକ ୨୧୭ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି । ସେହିଭଳି ହରପ୍ରିୟା ମହାନ୍ତି ମହିଳା ପ୍ରତିନିଧି,ପ୍ରସନଜିତ ବେହେରା କ୍ରୀଡା ସମ୍ପାଦକ,ନିର୍ମଳ ଦାସ ସହ-ସମ୍ପାଦକ,ତପନ କୁମାର ସାହୁ ନାଟ୍ୟ ସଂସଦ ସମ୍ପାଦକ,ବର୍ଷା ପ୍ରିୟଦର୍ଶିନୀ ନାୟକ ସହ-ସମ୍ପାଦକ,ବ୍ରହ୍ମାନନ୍ଦ ସାମଲ ଡିଏସଏ ସମ୍ପାଦକ,ଦିପକ କୁମାର ମଲ୍ଲିକ ସହ-ସମ୍ପାଦକ,ଅବିନାଶ ରାଉତ କମନ ରୁମ ସମ୍ପାଦକ,ଭାରତୀ ଜେନା ସହ-ସମ୍ପାଦକ,ଜ୍ୟୋତିର୍ମୟୀ ପ୍ରଧାନ ସାଂସ୍କୃତିକ ସମ୍ପାଦକ,ଅଭିଷେକ କୁମାର ଦାସ ସହ-ସମ୍ପାଦକ ବିଜୟୀ ହୋଇଛନ୍ତି । ବିଜୟୀ ସଭାପତି ଶ୍ରୀ ଦାସ ଓ ସମ୍ପାଦକ ଶ୍ରୀ ଲେଙ୍କା କଲେଜର ବିଭିନ୍ନ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି ।

# ସରଡିହା-ମୁକୁନ୍ଦପୁର ଦୁର୍ଗାପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର



ବସ୍ତା , ୧୫/୧୦ (ନି.ପ୍ର): ବସ୍ତା ବ୍ଲକ୍ ପତ୍ରଝଡ଼ା ପଞ୍ଚାୟତ ସରଡିହା-ମୁକୁନ୍ଦପୁରସ୍ଥିତ ଦୁର୍ଗାପୂଜା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଦୁର୍ଗାପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବାଦ-ଆମ ଓଡ଼ିଶା ସହଯୋଗରେ ଆୟୋଜିତ ଶିବିରକୁ ବିଡିଓ ମିହିର ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ଉପ ସଭାପତି ତଥା ପରିବେଶବିତ ସୁମନ୍ତ କୁମାର ଜେନା, ସମ୍ମାନୀତ ଅତିଥି ଭାବେ ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ପୁଜାସ୍ମିତା ନାୟକ, ପ୍ରଧାନ ଶିକ୍ଷୟତ୍ରୀ ମମତା ରାଣୀ ରାମ, ଗଦାଧର ପୃଷ୍ଟି, ବୈଦ୍ୟନାଥ ପୃଷ୍ଟି, ଦିବାକର ଭୂୟାଁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରର ସଭାପତି ଶମ୍ଭୁନାଥ ଭୂୟାଁ, ପୂଜା କମିଟିର ସଭାପତି ଜୟ ଦେବ ଭୂୟାଁ, ସମ୍ପାଦକ ଲମ୍ବୋଦର ତରେଇ, ପୂଜା କମିଟିର ଉପ ସଭାପତି ନାରାୟଣ ସାହୁ, ସହସମ୍ପାଦକ ଶରତ କୁମାର ଦାସ, କୋଷାଧକ୍ଷ ସନ୍ୟାସୀ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୪୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ସଭ୍ୟ ଦିନେଶ ତରେଇ, ଦିଲ୍ଲୀପ ଖମାରୀ, କାର୍ତ୍ତିକ ଦାସ, ପ୍ରହଲ୍ଲାଦ ବେହେରା, ସରୋଜ ମହାନ୍ତି, ବିନୋଦ ନାୟକ, ସଞ୍ଜୀବ ପୃଷ୍ଟି, ଗୋପୀନାଥ ବେହେରା, ଦିନେଶ ତରେଇ, ବିଶ୍ୱନାଥ ଭୂୟାଁ, ମାନସ ନାଥ, ଭଗିଆ ପୃଷ୍ଟି, ପ୍ରଦୀପ ଦାସ,ମନୋଜ ଦାସ, ଗୋପୀନାଥ ସାହୁ, ବଳିଆ ପୃଷ୍ଟି, ମିଥୁ ବେହେରା, ପପାଇ ପ୍ରମାଣିକ, ପପୁ ଦାସ, ବିକାଶ ନାୟକ, ଉତ୍ତମ ଜେନା, ଅର୍ଜୁନ ଭୂୟାଁ, ବୁଦ୍ଧଦେବ ଖମାରୀ, ମନୋଜ ପୃଷ୍ଟି, ରୂପସା ସମ୍ବାଦ ପ୍ରତିନିଧି ମାନସ ରଞ୍ଜନ ବେହେରା , ଆମ ଓଡିଶା ସଂଯୋଜକ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିଲେ।

# ଭଦ୍ରକ ୧୬ ନଂ ଜାତୀୟ ରାଜପଥ ଉପରେ ଦୁର୍ଘଟଣା

ଭଦ୍ରକ , ୧୫/୧୦ (ନି.ପ୍ର): କଣ୍ଟେନରକୁ ପଛରୁ ପିଟିଲା ଡମ୍ଫର । ଭଦ୍ରକ ୧୬ଜାତୀୟ ରାଜପଥ ନେହେରୁ ଷ୍ଟାଡିୟମ ପାଖରେ ରାଜପଥ ଉପରେ ଏକ କଣ୍ଟେନର ଖରାପ ହୋଇ ଠିଆ ହୋଇଥିବା ବେଳେ ପଛରୁ ଆସି ଏକ ଡମ୍ଫର ଧକ୍କା ଦେଇଥିଲା, ଫଳରେ ହେଲଫର ଆହତ ହୋଇଛନ୍ତି ଓ ଡ୍ରାଇଭର ଗୁରୁତର ହୋଇ ପ୍ରଥମେ ଭଦ୍ରକ ଓ ପରେ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି ।

# ବାରମ୍ବାର ଅବକାରୀ ଚଢ଼ାଉ ପରେ ମଧ ଚୋରା ମଦ ରନ୍ଧା ଚାଲିଛି କେମିତି ?



ବୈଶିଙ୍ଗା , ୧୫/୧୦ (ନି.ପ୍ର): ଦେଶୀ ମଦ ର ପ୍ରଚୁର ବ୍ୟବହାର ସହିତ ଚୋରା ମଦ ପ୍ରସ୍ତୁତ ବନ୍ଦ ହେଉନାହିଁ । ଏଥିପାଇଁ ଅବକାରୀ ବିଭାଗର ଅପରିଣାମଦର୍ଶିତା କାର୍ଯ୍ୟକ୍ରମ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରତି ମାସ ବିଭିନ୍ନ ସ୍ଥାନରେ ଚଢାଉ କରି ଡ୍ରମ୍ ଡ୍ରମ୍ ପୋଚ ସହିତ ରନ୍ଧା ମଦ ନଷ୍ଟ କରାଯାଉଛି ସତ ମାତ୍ର କାହାରିକୁ ଗିରଫ କରାଯାଉନାହିଁ। ଏହାର କାରଣ ବିଭାଗୀୟ କର୍ମଚାରୀ ଙ୍କ ସହିତ ଚୋରା ମଦ ପ୍ରସ୍ତୁତକାରୀ ଙ୍କ ନିବିଡ ସମ୍ପର୍କ ରହିଥିବାର ଆଶା କରା ଯାଏ । ବୁଧବାର ପୂର୍ବାହ୍ନରେ ବୈଶିଙ୍ଗା ଥାନା ଅଧିନ ବାମଡା ଏବଂ ଭିତର ଶୋଳ ଗ୍ରାମରେ ଚଢ଼ାଉ କରି ୫୬୦୦ କିଗ୍ରା : ପୋଚ ଏବଂ ୪୬୦ ଲିଟର ରନ୍ଧା ମଦ ଜବତ କରିଥିବା ବେଳେ କାହାରିକୁ ଗିରଫ କରାଯାଇନାହିଁ । ଠିକ୍ ଏକ ମାସ ପୂର୍ବରୁ ଏହି ଦୁଇଟି ସ୍ଥାନରେ ଆଠ ହଜାର କିଗ୍ରା : ପୋଚ ଏବଂ ସାତ ଶହ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରି ଦିଆଯାଇଥିଲା । ଏହି ଭଳି ବାରମ୍ବାର ଚଢାଉ ପରେ ମଧ ବିଷାକ୍ତ ମଦ ପ୍ରସୁତ କରି ବାହାର ଜିଲ୍ଲାକୁ ଚାଲାଣ କରାଯାଉଥିବାର ଅଭିଯୋଗ ହେଉଛି ।ଏହି ମଦ ପିଇ ବହୁ ସଂଖ୍ୟକ ଲୋକ ମରିବା ସହିତ ଅସାମାଜିକ କାର୍ଯ୍ୟ ବଢି ଚାଲୁଛି। ଏଥିପାଇଁ ପ୍ରତ୍ୟେକ ଥାନାରେ କେଶ୍ ପରେ କେଶ୍ ବଢି ଚାଲିଛି ।ଅବକାରୀ ବିଭାଗ ଏଥିପାଇଁ ସୁଚିନ୍ତିତ ରଣକୌଶଳ ନିର୍ଦ୍ଧାରଣ କରିବା ଆବଶ୍ୟକତା ହୋଇପଡିଛି ।

# ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ନୀଳଗିରି ଶିଶୁ ବିଦ୍ୟାମନ୍ଦିରକୁ ଥଣ୍ଡା ପାନୀୟଜଳ ମେସିନ୍ ପ୍ରଦାନ



ନୀଳଗିରି, ୧୫/୧୦ (ନି.ପ୍ର): ଜନସେବା ଓ ସମାଜକଲ୍ୟାଣ ଦିଗରେ ଆଉ ଏକ ପଦକ୍ଷେପ ନେଇଛି ନୀଳଗିରର ପ୍ରତିଷ୍ଠିତ ବେସରକାରୀ ଅନୁଷ୍ଠାନ ଶିଶିର ମହାପାତ୍ର ଫାଉଣ୍ଡେସନ। ଛାତ୍ରଛାତ୍ରୀଙ୍କ ସୁବିଧା ସହିତ ପରିବେଶ ସୁରକ୍ଷାକୁ ଗୁରୁତ୍ୱଦେଇ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି ଶିଶିର ମହାପାତ୍ର ଫାଉଣ୍ଡେସନ। ଆଜି ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଏବଂ ଅଭିଭାବକଙ୍କ ସୁବିଧାପାଇଁ ୪୦ ଲିଟର କ୍ଷମତା ବିଶିଷ୍ଟ ଥଣ୍ଡାପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଶିଶିର ମହାପାତ୍ର ଫାଉଣ୍ଡେସନର ସଭାପତି ସବ୍ୟସାଚୀ ମହାପାତ୍ର ଫିତାକାଟି ଏହି ଥଣ୍ଡାପାନୀୟଜଳ ବ୍ୟବସ୍ଥାର ଶୁଭ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ସାମାଜିକ ସୁରକ୍ଷାରୁ ବଂଚିତ ଝରିଆ ଗ୍ରାମର 'କାରିଆ'

ଉଦଳା , ୧୫/୧୦ (ନି.ପ୍ର): ଖୁଂଟା ବ୍ଲକର ବଡ଼ପଥରା ପଂଚାୟତ ଅନ୍ତର୍ଗତ ଝରିଆ ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଫକିରା ହେମ୍ବ୍ରମଙ୍କପୁତ୍ର କାରିଆ ହେମ୍ବ୍ରମ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । କାରିଆଙ୍କୁ ବର୍ତମାନ ବୟସ ୬୩ ବର୍ଷ ଛୁଇଁଥିବା ବେଳେ ଦିନମଜୁରିଆ ଭାବରେ କାମ କରି ସେ ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର କଥା କହିଛନ୍ତି। ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ଅନୁରୋଧ ଜଣାଇଛନ୍ତି ।

# ଜାମସୁଲି କଲେଜରେ ବିଶିଜେଡିର ବାଜିମାତ

ଲଙ୍ଗଳେଶ୍ୱର, ୧୫/୧୦ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଜାମସୁଲି ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ରେ ବିଜୁ ଛାତ୍ର ଜନତା ଦଳ ଛାତ୍ର ସଂସଦ ନିର୍ବାଚନ ରେ ବାଜିମାତ କରିଛି। ସଭାପତି ଭାବେ ବିଭାସ ନାୟକ ବିଜୟ ହୋଇଥିବା ବେଳେ ସମ୍ପାଦିକା ଭାବେ ନମିତା ଗିରି ବିଜୟ ହୋଇଛନ୍ତି। ଇଥଲେଟିକ ସେକ୍ରେଟାରୀ ଭାବେ ଭବେସ କୁମାର ଦାସ, ବିଷ୍ଣୁ ପ୍ରିୟା ଜେନା, ଆନନ୍ଦ ପ୍ରଧାନ,ସଚିଦା ନନ୍ଦ ବେହେରା ପ୍ରମୁଖ ବିଜୟ ହୋଇଛନ୍ତି। ଏଥି ସହିତ ସମସ୍ତ ପ୍ରାର୍ଥୀ ଜୟଯୁକ୍ତ ହୋଇଛନ୍ତି। ପରେ କଲେଜ କେମ୍ପସରେ ଖୁସିର ଲହର ଖେଳି ଯାଇଛି।

# ମୟୂରଭଞ୍ଜ ପାଇଁ ଗୌରବ ଆଣିଲେ ବତ୍ସଳା: ଏସପିଏ ଦିଲ୍ଲୀ ସମାବର୍ତ୍ତନ ଉତ୍ସବରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ



ବାରିପଦା, ୧୫/୧୦ (ନି.ପ୍ର): ନୂଆଦିଲ୍ଲୀ ସ୍ଥିତ ସ୍କୁଲ ଅଫ ପ୍ଲାନିଂ ଆଣ୍ଡ ଆର୍କିଟେକ୍ଚର (ଏସପିଏ)ର ୪୪ତମ ସମାବର୍ତ୍ତନ ଉତ୍ସବରେ ଦୁଇଟି ପ୍ରତିଷ୍ଠିତ ସ୍ୱର୍ଣ୍ଣ ପଦକ ହାସଲ କରି ଆର୍କିଟେକ୍ଟ ବତ୍ସଳା କୁଅଁର ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଅକ୍ଟୋବର ୧୨ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବତ୍ସଳା ଏସପିଏରୁ ୨୦୨୪-୨୦୨୬ ଶିକ୍ଷାବର୍ଷରେ ଆଞ୍ଚଳିକ ଯୋଜନାରେ ମାଷ୍ଟର ଅଫ ପ୍ଲାନିଂ ଡିଗ୍ରୀ ହାସଲ କରିଛନ୍ତି। ଶିକ୍ଷାଗତ ଉତ୍କର୍ଷ ପାଇଁ ସେ ଏସପିଏ ଗୋଲ୍ଡ ମେଡାଲ ଏବଂ ସହରାଞ୍ଚଳ ଓ ଆଞ୍ଚଳିକ ଯୋଜନା ବିଭାଗର ଯୋଗ୍ୟ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥେସିସରେ ସର୍ବାଧିକ ନମ୍ବର ରଖି ପ୍ରଫେସର ଏନ.ଏସ. ସାଇନି ଏସପିଏ ଗୋଲ୍ଡ ମେଡାଲ ଲାଭ କରିଛନ୍ତି। ତାଙ୍କର ସ୍ନାତକୋତ୍ତର ଗବେଷଣା ସୁନ୍ଦରଗଡ଼ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳ ଓ ଆଦିବାସୀ ସମ୍ପ୍ରଦାୟର ସମସ୍ୟା ଉପରେ ଆଧାରିତ ଥିଲା। କ୍ଷେତ୍ର ଅଧ୍ୟୟନ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମାଧ୍ୟମରେ ସେ ଖଣି ଅଞ୍ଚଳର ଆହ୍ୱାନ ଏବଂ ସୁସ୍ଥିର ବିକାଶର ସମ୍ଭାବନା ଅନୁଧ୍ୟାନ କରିଥିଲେ। ଉତ୍ସବରେ ଦେଓରିଆ ସାଂସଦ ଶଶାଙ୍କ ମଣି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବତ୍ସଳା ବାରିପଦାର ପରିଚିତ ଆର୍କିଟେକ୍ଟ ମନୋଜ କୁଅଁର କନ୍ୟା ଅଟନ୍ତି. ବତ୍ସଳାଙ୍କ ଏହି କୃତିତ୍ୱ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida